
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୫ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 AUGUST 2021
Vol.No. 32 ■ No. 216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କୋଡ଼ିଏ ବର୍ଷ ପରେ ଗିରଫ ହେଲେ ଜଣେ କେନ୍ଦ୍ରମନ୍ତ୍ରୀ

## ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଚାପୁଡ଼ା ମାରିବା ବୟାନ ଦେଇ ଗିରଫ ହେଲେ ନାରାୟଣ ରାଣେ



ନୂଆଦିଲ୍ଲୀ,୨୪/୦୮: କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନାରାୟଣ ରାଣେଙ୍କ ବୟାନକୁ ନେଇ ମୁମ୍ବାଇରେ ଝଡ ସୃଷ୍ଟି ହୋଇଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ସମାଲୋଚନା କରିବା ସହ ତାଙ୍କୁ ଚାପୁଡା ମାରିବା କଥା କହିଥିଲେ ନାରାୟଣ ରାଣେ । ଶିବସେନା କର୍ମୀ ଓ ସମର୍ଥକ କେନ୍ଦ୍ରମନ୍ତ୍ରୀଙ୍କ ବୟାନକୁ ବିରୋଧ କରି ଜୋରଦାର ବିକ୍ଷୋଭ କରିଛନ୍ତି । ନାରାୟଣ ରାଣେଙ୍କ ବିରୋଧରେ ୪ଟି ସ୍ଥାନରେ ମାମଲା ରୁଜୁ ହୋଇଛି । ପୋଲିସ ନାରାୟଣ ରାଣେଙ୍କୁ ହେପାଜତକୁ ନେଇଛି । କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନାରାୟଣ ରାଣେଙ୍କ ବିବାଦୀୟ ବୟାନକୁ ନେଇ ମହାରାଷ୍ଟ୍ରରେ ଝଡ । ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ସମାଲୋଚନା ସହ ତାଙ୍କୁ ଚାପୁଡା ମାରିବା ବୟାନ ପରେ ଶିବସେନାର ଆକ୍ରୋଷର ଶୀକାର ହୋଇଛନ୍ତି ନାରାୟଣ ରାଣେ । ଏହାକୁ ରାଜରାସ୍ତାକୁ ଓହ୍ଲାଇଥିଲେ ଶିବସେନା ସମର୍ଥକ । କିଛି ସ୍ଥାନରେ ଶିବସେନା ଓ ବିଜେପି ସମର୍ଥକଙ୍କ ମଧ୍ୟରେ ମଧ ସଂଘର୍ଷ ଘଟିଛି । ରାଣେଙ୍କ ବିରୋଧରେ ୪ଟି ସ୍ଥାନରେ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ ଗିରଫ କରିଛି ମହାରାଷ୍ଟ୍ର ପୋଲିସ । ରାଣେଙ୍କ ଗିରଫକୁ ସାମ୍ବିଧାନିକ ଅଧିକାରର ଉଲଂଘନ ବୋଲି ଅଭିଯୋଗ ଆଣିଛି ବିଜେପି । ଏକ କାର୍ଯ୍ୟକ୍ରମରେ ଦେଶର ସ୍ୱାଧୀନତାକୁ କେତେବର୍ଷ ପୁରିଛି ଏହାର ସଠିକ ଉତର ଦେଇ ନପାରି, ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ନିଜର ସହଯୋଗୀଙ୍କୁ ପଚାରିଥିଲେ । ଏହି ଘଟଣାକୁ ନେଇ ନାରାୟଣ ରାଣେ କହିଥିଲେ କି, ଯଦି ସେ ସେହି ସ୍ଥାନରେ ଥାଆନ୍ତେ ତେବେ ସେ ଉଦ୍ଧବ ଠାକରେଙ୍କୁ ଚାପୁଡ଼ା ମାରିଥାନ୍ତେ । ଆଉ ତାଙ୍କର ଏହି ବୟାନ ରାଣେଙ୍କୁ ସମସ୍ୟା ଘେରକୁ ନେଇ ଆସିଛି । ମୁମ୍ବାଇ, ନାସିକ, ଅମରାବତୀ, ରତ୍ନଗୀରିରେ ଥିବା ବିଜେପି କାର୍ଯ୍ୟାଳୟ ଉପରକୁ ଆକ୍ରମଣ କରି ଶିବସେନାକର୍ମୀ ପଥର ମାଡ କରି ଭଙ୍ଗାରୁଜା କରିଛନ୍ତି । ମହାରାଷ୍ଟ୍ର ରାଜନୀତିରେ ଜଣେ ଟାଣୁଆ ନେତା ଭାବେ ନାରାୟଣ ରାଣେ ଜଣାଶୁଣା । ଏକଦା ଶିବସେନା ପ୍ରତିଷ୍ଠାତା ବାଲ ଠାକରେଙ୍କ ପ୍ରିୟ ଥିବା ରାଣେ ଘଟଣାକ୍ରମରେ ବିଜେପିରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ବନିଛନ୍ତି ।

# ପ୍ରକାଶ ପାଇଲା ମାଟ୍ରିକ ଅଫଲାଇନ୍ ପରୀକ୍ଷା ରେଜଲ୍ଟ

## ପାସ୍ ହାର ୮୦.୮୩%



ଭୁବନେଶ୍ୱର,୨୪/୦୮ (ନି.ପ୍ର): ପ୍ରକାଶ ପାଇଛି ମାଟ୍ରିକ ଅଫଲାଇନ୍ ପରୀକ୍ଷା ଫଳ । ମଙ୍ଗଳବାର ଅପରାହ୍ନରେ କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟ ଠାରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଛି । ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁଷ୍ଠିତ ଅଫ୍ ଲାଇନ୍ ପରୀକ୍ଷା ପାଇଁ ୬୬୨୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ଏଥି ମଧ୍ୟରୁ ୫୨୩୩ ଜଣ ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ମୋଟ ପାସ୍ ହାର ୮୦.୮୩ ପ୍ରତିଶତ ରହିଛି । ସୂଚନା ଅନୁଯାୟୀ ମୋଟ ୩ହଜାର ୧୦୦ ପାସ୍ ଛାତ୍ର ଓ ୨୧୩୩ ଜଣ ଛାତ୍ରୀ ପାସ୍ କରିଛନ୍ତି । ଏ-୧ରେ ୪୨ ଜଣ ପାସ୍ କରିଥିବା ବେଳେ ଏ- ୨ ରେ ୨୫୫ଜଣ, ବି-୧ରେ ୩୪୮ ଜଣ, ବି- ୨ରେ ୪୫୮, ସି'ରେ ୫୯୯ ଜଣ, ଡି ଗ୍ରେଡ୍ ରେ ୮୪୬ଜଣ, ଇ ଗ୍ରେଡ ରେ ୨୬୮୫ ଜଣ ଓ ଏଫ୍ ଗ୍ରେଡ୍ ରେ ୧୪୧ ଜଣ ପାସ୍ କରିଛନ୍ତି । ଅପରପକ୍ଷରେ ୧୪୮ ଜଣ ଫେଲ୍ ହୋଇଛନ୍ତି । ବିକଳ୍ପ ମୂଲ୍ୟାଙ୍କନ ପଦ୍ଧତିକୁ ବିରୋଧ କରି ପ୍ରକାଶ ପାଇଥିବା ମାଟ୍ରିକ୍ ରେଜଲ୍ଟ କୁ ବିରୋଧ କରି ୧୫ ହଜାରରୁ ଅଧିକ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ଅଫଲାଇନ୍ ରେ ପରୀକ୍ଷା ଦେଇଥିଲେ । ୧୪୬ ଜଣଙ୍କ ଫର୍ମ ନାକଚ ହୋଇଥିଲା । ଫର୍ମ ଫିଲ ଅପ୍ କରିଥିବା ପିଲାଙ୍କ ମଧ୍ୟରୁ ୧୦୮୬ ଜଣ ଅନୁପସ୍ଥିତ ରହିଥିବା ବେଳେ ୧୪ଜଣ ମାଲ୍ ପ୍ରାକ୍ଟିସ୍ ବେଳେ ଧରାପଡ଼ିଛନ୍ତି । ତେବେ ପରୀକ୍ଷା ଦେଇଥିବା ୨୭୧ ଛାତ୍ରଛାତ୍ରୀଙ୍କ ଗ୍ରେଡ୍ ବଢିଥିବା ବେଳେ ୪୫୯ ପିଲାଙ୍କ ଗ୍ରେଡ୍ ଖସିଛି । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ୨୦୨୧ରେ ୮୪୯୧ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ସେଥି ମଧ୍ୟରୁ ୬୩୦୯ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ପାସ ହାର ୭୪.୩ ପ୍ରତିଶତ ରହିଛି । ତେବେ ଅଫ୍ ଲାଇନ୍ ପରୀକ୍ଷା ନମ୍ବରକୁ ନେଇ କୌଣସି ଦ୍ୱନ୍ଦ୍ୱ ଥିଲେ ରି-ଚେକିଂ ପାଇଁ ଛାତ୍ରଛାତ୍ରୀ ପୁଣି ଥରେ ଆବେଦନ କରିପାରିବେ । ଆସନ୍ତା ସେପଟ୍ମେର ୮ ସୁଦ୍ଧା ରି-ଚେକିଂ ପାଇଁ ଆବେଦନ କରିପାରିବେ ବୋଲି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ନକ୍ସଲ ନିହତ

ମାଲକାନଗିରି,୨୪/୦୮ (ନି.ପ୍ର): ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ଜଣେ ଟପ୍ କମାଣ୍ଡରଙ୍କ ସମେତ ୨ ନକ୍ସଲଙ୍କ ମୃତ୍ୟୁ ଘଟିଛି । ସୁକ୍‌ମା ଜିଲ୍ଲା କୋଣ୍ଟା ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ସୁକମା ଏସ୍‌ପି ସୁନୀଲ ଶର୍ମାଙ୍କ ସୂଚନା ଅନୁଯାୟୀ, ଛତିଶଗଡ ପୁଲିସର ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ, ସିଆରପିଏଫ୍ ଏବଂ କୋବ୍ରା ବାଟାଲିୟନର ମିଳିତ ଟିମ୍ ଗୋମ୍ପାଡ ଏବଂ କହ୍ନାଇଗୁଡ଼ା ଗାଁ ନିକଟ ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନ ଚଲାଇଥିଲେ । ଆଜି ସକାଳେ ଘଞ୍ଚ ଜଙ୍ଗଲରେ ନକ୍ସଲଙ୍କ ସହ ସେମାନଙ୍କର ମୁହାଁମୁହିଁ ହୋଇଥିଲା । ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ପରେ ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନ ବେଳେ ଦୁଇ ନକ୍ସଲଙ୍କ ମୃତଦେହ ମିଳିଥିଲା । ସେମାନଙ୍କ ପରିଚୟ ସ୍ପଷ୍ଟ ହୋଇ ନାହିଁ । ତେବେ ସେମାନଙ୍କ ମଧ୍ୟରୁ ଜଣେ କୋଣ୍ଟା ଏରିଆ କମାଣ୍ଡର କବାସୀ ହୁଙ୍ଗା ହୋଇଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ସହ ଅନ୍ୟାନ୍ୟ ବହୁ ସାମଗ୍ରୀ ଜବତ କରାଯାଇଛି ।

# ପଂଚାୟତ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଜାତି ରାଜନୀତି

## ବିଜେଡି କହିଲା ଜାତି ଭିତ୍ତିକ ଜନଗଣନା ପାଇଁ ନବୀନଙ୍କ ପଦକ୍ଷେପକୁ ଗ୍ରହଣ କରୁଛନ୍ତି ଅନ୍ୟ ରାଜ୍ୟ

ଭୁବନେଶ୍ୱର,୨୪/୦୮(ନି.ପ୍ର): ନିର୍ବାଚନ ପ୍ରକ୍ରିୟା ଭିତରେ ଯେଉଁ ଦିଗ ଆଜିଯାଏଁ ରାଜ୍ୟ ରାଜନୀତିକୁ ଛୁଇଁ ପାରିନଥିଲା, ତାର ମୁଳଦୁଆ ଧୀରେ ଧୀରେ ପଡୁଥିବା ଅନୁମାନ କରାଯାଉଛି, ଯେତେବେଳେ ଶାସକ ଦଳ ଜାତି ଆଧାରିତ ରାଜନୀତି ଉପରେ ଜୋର୍ ଦେଇଛି । ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇ ବିଜେଡି କହିଛି, ଜାତିଭିତିକ ଜନଗଣନା ହେବା ସହ ୫୦% ସଂରକ୍ଷଣର ସର୍ବୋଚ୍ଚ ସୀମାକୁ ହଟାଯାଉ, ଓଡିଶାର ଏହି ଲଢେଇରେ ସାମିଲ ହେବାକୁ ରାଜ୍ୟ ବିଜେପି ନେତାଙ୍କୁ ଆହ୍ୱାନ, ଦାବି ହାସଲ ପାଇଁ ପଲ୍ଲୀରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ହେବ । ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ହଠାତ୍ ବିଜେଡି କ୍ରିୟାଶୀଳ ହୋଇଛି । ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ପୂର୍ବରୁ ସେମାନଙ୍କ ସଂଖ୍ୟା ଜାଣିବା ନିହାତି ଦରକାର, ଏଥିପାଇଁ ଜାତିଭିତିକ ଜନଗଣନା ପାଇଁ ଯୁକ୍ତି ରଖୁଥିବା ଶାସକ ଦଳ କହିଛି । ବଡ କଥା ହେଉଛି, ସଂରକ୍ଷଣର ସର୍ବୋଚ୍ଚ ସୀମା ୫୦% ଯାହା ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି ତାକୁ ହଟାଇବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିବାକୁ ବିଜେଡି ଯୁକ୍ତି ରଖିଛି । ରାଜ୍ୟରେ ଓବିସି ଏବଂ ଏସଇବିସିଙ୍କ ସଂଖ୍ୟା ମୁତାବକ ସେମାନଙ୍କୁ ସଂରକ୍ଷଣ ଦିଆଯାଇ ପାରୁନି, କାରଣ ଏମାନଙ୍କ ସଂଖ୍ୟା ମୁତାବକ କୋଟା ଦେବାକୁ ହେଲେ ବାଧକ ସାଜୁଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ । ଯେହେତୁ ଏହା କେନ୍ଦ୍ର କ୍ଷମତାର ପରିସରଭୁକ୍ତ, ଏଥିରେ ପରିବର୍ତ୍ତନ କରିବାକୁ କେନ୍ଦ୍ର ବ୍ୟବସ୍ଥା ଗ୍ରହଣ କରୁ । ଓଡିଶାରେ ଜାତି ଆଧାରିତ ରାଜନୀତି ଦେଖିବାକୁ ମିଳେନାହିଁ । ହେଲେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଜାତିଭିତିକ ଜନଗଣନା ପାଇଁ ପ୍ରଥମେ ନବୀନ ହିଁ ଦାବି କରିଥିଲେ । ଆଉ ଏବେ ୫୦% ସଂରକ୍ଷଣର ସର୍ବୋଚ୍ଚ ସୀମା ହଟାଇବାକୁ ଦାବି କରି ଦଳ ଜାତି ରାଜନୀତିକୁ ଆଗକୁ ବଢାଉଥିବା ଚର୍ଚ୍ଚା ହେଉଛି । ୯୦ ଦଶକରେ ବିଜୁ ପଟ୍ଟନାୟକ କହିଥିଲେ, ଗରୀବର ଜାତି ନାହିଁ । ଅର୍ଥାତ୍ ଯିଏ ଗରୀବ ସେ ସରକାରୀ ଯୋଜନାରେ ସାମିଲ ହେବ, ସେତେବେଳେ ସେ କେଉଁ ଜାତିର ଦେଖାଯିବ ନାହିଁ । ଏପରିକି ମଣ୍ଡଳ କମିଶନ ବିରୋଧରେ ମଧ ସେ କୋର୍ଟ ଯାଇଥିଲେ । ହେଲେ ଆଜିର ଦିନରେ ବିଜୁ ଜନତା ଦଳ ଜାତି ଭିତିକ ଗଣନା ପାଇଁ ଦାବି କରି, ସେହି ଆଧାରରେ ପ୍ରସଙ୍ଗ ସୃଷ୍ଟି କାରିବାକୁ ଚେଷ୍ଟା କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ଦିଲ୍ଲୀରେ ପହଁଚିଲା ଛତିଶଗଡ କଂଗ୍ରେସ କନ୍ଦଳ

## ମୁଖ୍ୟମନ୍ତ୍ରୀ ପଦ ନେଇ ଭୂପେଷ ବଘେଲ ଓ ଟିଏସ ସିଂହଦେଓଙ୍କ ମଧ୍ୟରେ ଫାଟ



ନୂଆଦିଲ୍ଲୀ,୨୪/୦୮: ଦିଲ୍ଲୀରେ ପହଁଚିଲା ଛତିଶଗଡ କଂଗ୍ରେସ କନ୍ଦଳ । ମୁଖ୍ୟମନ୍ତ୍ରୀ ପଦ ନେଇ ଭୂପେଷ ବଘେଲ ଓ ଟିଏସ ସିଂହଦେଓଙ୍କ ମଧ୍ୟରେ ଦେଖାଦେଇଛି ଫାଟ । ଯାହାକୁ ନେଇ ଉଭୟ ନେତାଙ୍କୁ ଆଲୋଚନା ପାଇଁ ଡାକିଛନ୍ତି ରାହୁଲ ଗାନ୍ଧି । ମୁଖ୍ୟମନ୍ତ୍ରୀ ଆଶନ ପାଇଁ ଛତିଶଗଡ କଂଗ୍ରେସରେ ଫାଟ । ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୫୦-୫୦ ଫର୍ମୁଲା ଥିବାବେଳେ, ଅଢେଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ନାରାଜ ଭୁପେଷ ଭଘେଲ । ଯାହାକୁ ନେଇ କ୍ଷୁବ୍ଧ ହୋଇଛନ୍ତି ବରିଷ୍ଠ ନେତା ତଥା ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ଟିଏସ ସିଂହଦେଓ । ରାଜ୍ୟରେ କଂଗ୍ରେସ ଶାସନର ଅଢେଇ ବର୍ଷ ପୂରଣ ହୋଇ ସାରିଛି । ଆଉ ଏବେ ତାଙ୍କ ପାଳି ମୁଖ୍ୟମନ୍ତ୍ରୀ ପଦରେ ବସିବାର । ହେଲେ ସେପରି କିଛି ନ ହୋଇଥିବାରୁ ଛତିଶଗଡ କଂଗ୍ରେସରେ ସୃଷ୍ଟି ହୋଇଛି ଫାଟ । ଆଉ ଏହାକୁ ନେଇ ଦୁଇ ପ୍ରମୁଖ ନେତା ମୁଖ୍ୟମନ୍ତ୍ରୀ ଭୂପେଷ ବଘେଲ ଓ ଟିଏସ ସିଂହଦେଓଙ୍କୁ ଆଲୋଚନା ପାଇଁ ଡାକିଛନ୍ତି ରାହୁଲ ଗାନ୍ଧୀ । ଡିସେମ୍ବର ୧୭, ୨୦୧୮ରେ ଛତିଶଗଡର ମୁଖ୍ୟମନ୍ତ୍ରୀ ଭାବେ ଯେତେବେଳେ ଭୂପେଷ ବଘେଲ ଶପଥ ଗ୍ରହଣ କଲେ, ସେତେବେଳେ ଭୂପେଷ ବଘେଲ ଏବଂ ଟିଏସ ସିଂହଦେଓ ୫୦-୫୦ ଫର୍ମୁଲାରେ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବେ ବୋଲି ରାଜି ହୋଇଥିଲେ । ହେଲେ ଏବେ ମୁଖ୍ୟମନ୍ତ୍ରୀ ବଘେଲଙ୍କ ଅଢେଇ ବର୍ଷ ଶେଷ ହୋଇଥିଲେ ବି ପଦ ଛାଡିବାକୁ ସେ ନାରାଜ । ଯାହାକୁ ନେଇ ଛତିଶଗଡ କଂଗ୍ରେସ ଦୁଇ ଭାଗରେ ବାଂଟି ହୋଇଯାଇଛି । ସେପଟେ କଂଗ୍ରେସ କନ୍ଦଳକୁ ନେଇ ବିଜେପି ପୁଣିଥରେ ଟାର୍ଗେଟ କରିଛି । ବୁଧବାର ରାହୁଲ ଗାନ୍ଧି ଉଭୟ ମୁଖ୍ୟମନ୍ତ୍ରୀ ଭୂପେଷ ବଘେଲ ଓ ଟିଏସ ସିଂହଦେଓଙ୍କ ସହ ଆଲୋଚନା କରିବେ । ଏହି ବୈଠକରେ ଛତିଶଗଡ କଂଗ୍ରେସ ସଭାପତି ପିଏ ଏଲ ପୁନିଆ ମଧ ସାମିଲ ହେବେ ବୋଲି ଜଣା ପଡିଛି ।

# ଜିନ୍ଦଲ କମ୍ପାନୀର ଚୂନ ପଥର ଖଣି ପାଇଁ ଜମି ଅଧିଗ୍ରହଣକୁ ବିରୋଧ

## ପରିବେଶ ସମ୍ପର୍କିତ ଜନଶୁଣାଣି ବେଳେ ପ୍ରତିବାଦକୁ ଓହ୍ଲାଇଲେ ସ୍ଥାନୀୟ ଆଦିବାସୀ



ଭୁବନେଶ୍ୱର,୨୪/୦୮(ନି.ପ୍ର): ଜିନ୍ଦଲ କମ୍ପାନୀର ଚୂନପଥର ଖଣି ପାଇଁ ଜମି ଅଧିଗ୍ରହଣକୁ ଜୋରଦାର ବିରୋଧ ହୋଇଛି । ପରିବେଶ ସମ୍ପର୍କିତ ଜନଶୁଣାଣି ବେଳେ ପ୍ରତିବାଦକୁ ଓହ୍ଲାଇଛନ୍ତି ସ୍ଥାନୀୟ ଆଦିବାସୀ । ଫଳରେ ପୁଣି ଜୋରଦାର ହୋଇଛି ପେଶା ଆନ୍ଦୋଳନ । ସୁନ୍ଦରଗଡ଼ କୁତ୍ରା ତେଲିଘଣାରେ ରହିଛି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ ସିମେଣ୍ଟ କାରଖାନା । ଏଥିପାଇଁ ଖତକୁର ବାହାଲରେ ଥିବା ଚୂନ ପଥର ଖଣି ପାଇଁ ୧୫୬ ହେକ୍ଟର ଜମି ଅଧିଗ୍ରହଣ ହେବ । ତେଣୁ ପରିବେଶ ସମ୍ପର୍କିତ ଜନଶୁଣାଣି କରାଯାଉଛି । ହେଲେ ଏହି ଜନଶୁଣାଣିକୁ ବିରୋଧ କରିବା ପାଇଁ ଆଦିବାସୀମାନେ ଅଣ୍ଟା ଭିଡିଛନ୍ତି । ଜୀବନ ଦେବୁ ପଛେ ଜମି ଦେବୁ ନାହିଁ ବୋଲି କହି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ଜିଲ୍ଲାରେ

▶▶ପୃଷ୍ଠା ୭

# ଆଉ ଅଗଷ୍ଟରେ ବର୍ଷାର ନାହିଁ ସମ୍ଭାବନା : ଡିଜି ମୃତ୍ୟୁଞ୍ଜୟ ମହାପାତ୍ର



ଭୁବନେଶ୍ୱର,୨୪/୦୮(ନି.ପ୍ର): ଅଗଷ୍ଟରେ ଆଉ ନାହିଁ ବର୍ଷା । ରାଜ୍ୟରେ ଗଜା ମରୁଡି ପରିସ୍ଥିତି ଉପୁଜିଥିବା ବେଳେ ଭାରତୀୟ ପାଣିପାଗ ବିଭାଗର ଏଭଳି ଆଶଙ୍କା ଚିନ୍ତା ବଢାଇ ଦେଇଛି । ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କନକ ନ୍ୟୁଜକୁ ଫୋନେ ଯୋଗେ ସୂଚନା ଦେଇଛନ୍ତି, ଅଗଷ୍ଟ ଶେଷ ସପ୍ତାହରେ ଆଉ ବର୍ଷା ହେବାର ନାହିଁ । ଜୁନରୁ ଅଗଷ୍ଟ ମଧ୍ୟରେ ସ୍ୱାଭାବିକ ଠାରୁ ୩୦ ପ୍ରତିଶତ ବର୍ଷା କମିଯାଇଛି । ସେଥିପାଇଁ ରାଜ୍ୟର ୨୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଉପୁଜିଛି । ଏହାର କାରଣ ସମ୍ପର୍କରେ ସୂଚନା ଦେଇଛନ୍ତି ଆଇଏମଡି ଡିଜି । ତାଙ୍କ କହିବା ହେଲା ଅଗଷ୍ଟରେ ୪ରୁ ୫ଟି ଲଘୁଚାପ ସୃଷ୍ଟି ହେଉଥିବା ବେଳେ ଚଳିତ ଥର ମାତ୍ର ୨ଟି ଲଘୁଚାପ ସୃଷ୍ଟି ହୋଇଛି । ଏବଂ ତା ଭିତରୁ ଗୋଟିଏ ବାଂଲାଦେଶ ମୁହାଁ ହୋଇଛି । ତେଣୁ ଚଳିତ ମାସରେ ଆଉ ବର୍ଷାର ହେବାର ସମ୍ଭାବନା ନାହିଁ ।

# ଜାତୀୟ ଶିକ୍ଷା ନୀତିର ୧ ବର୍ଷ ଉପଲବ୍ଧି ପୁସ୍ତକ ଓ ୪ଟି ନୂଆ ଉପକ୍ରମର ଲୋକାର୍ପିତ

## ଶିକ୍ଷା ହେଉଛି ଜ୍ଞାନ, ଚରିତ୍ର ଏବଂ ରାଷ୍ଟ୍ର ନିର୍ମାଣର ସର୍ବୋତ୍କୃଷ୍ଟ ମାଧ୍ୟମ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪/୦୮ (ନି.ପ୍ର): ଭାରତ ସରକାରଙ୍କ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦(ଏନ୍.ଇପି) କ୍ରିୟାନ୍ୱୟନର ପ୍ରତିବଦ୍ଧତାକୁ ଅଧିକ ଦୃଢୀଭୂତ କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ବିଜେନ୍ଦ୍ର କୁମାରଙ୍କ ସହ ନୂଆ ଜାତୀୟ ଶିକ୍ଷା ନୀତିର ୧ ବର୍ଷ ପୂର୍ତ୍ତି ଉପଲବ୍ଧି ସମ୍ବନ୍ଧିତ ଏକ ପୁସ୍ତକ ଏବଂ ଜାତୀୟ ଶିକ୍ଷା ନୀତି ଅଧୀନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ନୂଆ ଉପକ୍ରମର ଲୋକାର୍ପଣ କରିଛନ୍ତି । ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ନ୍ୟାସନାଲ କାଉନସିଲ ଅଫ୍ ରିସର୍ଚ୍ଚ ଏଣ୍ଡ୍ ଟ୍ରେନିଂ(ଏନସିଇଆରଟି) ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତ ୪ଟି ନୂଆ ଉପକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଉପକ୍ରମ ଗୁଡ଼ିକ ହେଲା ନିପୁଣ ଭାରତ ମିଶନ ଅଧୀନରେ 'ମୌଳିକ ସ୍ୱାକ୍ଷରତା ଏବଂ ସଂଖ୍ୟା-ଜ୍ଞାନ ପାଇଁ ଇ-ସମ୍ବଳ, ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟୀ ଶିକ୍ଷା ସଂସ୍ଥାନ(ଏନଆଇଏସ)-'ଭର୍ଚୁଆଲ ସ୍କୁଲ', ଏନସିଇଆରଟିର 'ବୈକଳ୍ପିକ ଏକାଡେମିକ କ୍ୟାଲେଣ୍ଡର ୨୦୨୧-୨୨' ଏବଂ 'ପ୍ରିୟା-ଦ ଆକ୍ସେସିବିଲଟି ୱାରିୟର' ନାମକ କମିକ୍ ବୁକ୍ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା ହେଉଛି ଜ୍ଞାନ, ଚରିତ୍ର ଏବଂ ରାଷ୍ଟ୍ର ନିର୍ମାଣର ସର୍ବୋତ୍କୃଷ୍ଟ

▶▶ପୃଷ୍ଠା ୭

# କରୋନାରେ ଆଉ ୬୭ ଆକ୍ରାନ୍ତଙ୍କ ମୃତ୍ୟୁ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ରାଜ୍ୟରେ ୬୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଛନ୍ତି ରାଜ୍ୟ ସରକାର । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୭,୪୯୩କୁ ବୃଦ୍ଧି ପାଇଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଏହି ୬୭ ମୃତକଙ୍କ ମଧ୍ୟରେ କଟକ ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୧୪ ଜଣ ଅଛନ୍ତି । ତେବେ ଖୋର୍ଦ୍ଧା ଜିଲ୍ଲାରୁ କେହି ପ୍ରାଣ ହରାଇନାହାନ୍ତି । ଯାଜପୁର ଜିଲ୍ଲାରୁ ୬ ଜଣ ଓ ଢେଙ୍କାନାଳରୁ ୮ ଜଣ ଆକ୍ରାନ୍ତ ଅଛନ୍ତି । ବାଲେଶ୍ୱର ଜିଲ୍ଲାରୁ ୫, ଅନୁଗୁଳ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି । ଅପରପକ୍ଷରେ ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରୁ ୨ ଜଣ ଲେଖାଏଁ ପୁରୀ, ରାୟଗଡ଼ା, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଥିବା ଜଣାଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରାଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ନୂତନ ଜିଲ୍ଲାପାଳଙ୍କ ଧାମନଗର ଆକାଂକ୍ଷୀ ବିଦ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନ



ଧାମନଗର ,୨୪/୮ (ନି.ପ୍ର): ଭଦ୍ରକ ନୂତନ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରୁଥିବା ବେଳେ ସୋମବାର ଅପରାହ୍ନରେ ଧାମନଗର ଏନଏସି ଅନ୍ତର୍ଗତ ଧାମନଗର ଆକାଂକ୍ଷୀ ବିଦ୍ୟାଳୟକୁ ପ୍ରଥମ କରି ଧାମନଗର ପରଦର୍ଶନ କରିବା ସହିତ ସ୍କୁଲର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଦ୍ୟାଳୟ ପରିସରରେ ଚ୍ଚଲିଥିବା କାର୍ଯ୍ୟ ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ, ଗାଡେନ୍, ସାଇକେଲ ଷ୍ଟାଣ୍ଡର ପ୍ରମୁଖ ସ୍ଥାନ ବୁଲି ବୁଲି ତଦାରଖ କରିବା ସହିତ ଯଥା ଶୀଘ୍ର କାର୍ଯ୍ୟ ଗୁଡିକୁ ସାରିବା ପାଇଁ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଅଫିସ ପରିସରରେ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକରେ ଆଲୋଚନା କରିଥିବା ଜଣାଯାଇଛି । ପରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ । ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚ୍ଚରି ବୁଝିବା ସହିତ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଉଚକି ନାହିଁ ରୋଗୀ ମାନଙ୍କୁ ପଚ୍ଚରି ବୁଝିଥିଲେ । ମେଡିକାଲ ପରିସରରେ ପରିବେଶକୁ ଅପରିଷ୍କାର ଦେଖି ଅସନ୍ତୋଷ ପ୍ରକାଶ କରି ପରିବେଶକୁ ପରିଷ୍କାର ରଖିବା ପାଇଁ ଡଃ ଦୀପକ ନାୟକଙ୍କୁ ନର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କପିଳେନ୍ଦ୍ର ମିଶ୍ର, ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୁର୍ମୁ, ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକ, ପ୍ରଧାନ ଶିକ୍ଷକ ମୁରଲୀଧର ମିଶ୍ର, ଏନଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସେଠୀ, ଏଲୋମିନିୟମ ସଭାପତି ମଶେଶ୍ୱର ସ୍ୱାଇଁ, ଏସଏମ୍ ସଭାପତି ସେକ ଜାଫର ଅଲ୍ଲୀଙ୍କ ସମେତ ଶିକ୍ଷକ-ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତି ଥିଲେ ।

## ସଖୀବଟ୍ଟରେ ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ

କେନ୍ଦ୍ରାପଡ଼ା,୨୪/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଭାବ ପରିଚିତ ସଖୀବଟ୍ଟ ରେ ପବିତ୍ର ଗହ୍ମା ପୂର୍ଣ୍ଣିମା ଉପଲକ୍ଷେ ବଳଭଦ୍ର ଜନ୍ମ ଓ ରକ୍ଷା ବନ୍ଧନରେ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀୟୁଙ୍କ ଜନ୍ମୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ପୂଜକ କୁଳମଣି ତ୍ରିପାଠୀ ଶ୍ରୀ ଜୀୟୁଙ୍କୁ ଅନନ୍ତ ନାରାୟଣ ବେଶରେ ସୁସଜ୍ଜିତ କରି ଆଳତୀ ହୋମ ପୂଜାଚର୍ଚ୍ଚନା କରିଥିଲେ । ଏହି ଉପଲକ୍ଷେ ସଂର୍କୀତନ ମଣ୍ଡଳୀ ମକର ଦାସଙ୍କ ନେତୃତ୍ୱରେ ହରିନାମ ର୍କୀତନ କରି କ୍ଷେତ୍ରରେ ଏକ ଆଧାର୍ମିକ ପରିବେଶ ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମୀୟ ପରିଡା, ଶ୍ରୀକାନ୍ତ ପତି, ମାଧବ ନାୟକ, ଦିଲିପ ବିଶ୍ୱାଳ, ସୁବାଷ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରାଧ୍ୟାପକ ଜୟନ୍ତ ଦାସଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସରେ ଶ୍ରଦ୍ଧାସୁମନ



ଜଳେଶ୍ୱର ,୨୪/୮ (ନି.ପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ଜୟନ୍ତ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି ଅନୁଷ୍ଠିତ ହୋଇ ଯାଇଛି । ଛାତ୍ର ଜୀବନରୁ ପ୍ରାଧ୍ୟାପକ ହେବା ପର୍ଯ୍ୟନ୍ତ ତାଙ୍କର ସୁ ଚିନ୍ତାଧାରା, ଛାତ୍ରବତ୍ସଳତା, ପରୋପକାରିତା ଏବଂ ଜଣେ ସୁବକ୍ତଭାବେ ସମସ୍ତଙ୍କ ଠାରେ ଏବେବି ଅମର ରହିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଗୋପସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଉତ୍ସବ ଡ. ଅଜିତ୍ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଏଥିରେ କବି ସୁକୁମାର ଦାସ, ରାମଶଂକର ଦତ୍ତ, କାର୍ତ୍ତିକ ଚନ୍ଦ୍ର ଦାସ, ଭାଗବତ ଚନ୍ଦ୍ର ପରିଡା, କବି ଶ୍ରୀକୁମାର, ସରୋଜ କୁମାର ପାଣିଗ୍ରାହୀ, ଶରତ କୁମାର ପରିଡା, ଜଗତ୍‌ଜିତ୍ ଦାସ, ସୁଧାରାଣୀ ଦାସ, କଲ୍ୟାଣୀ ପଟ୍ଟନାୟକଗିତାଞ୍ଜଳି ଦାସ, ତପତି ଦାସ ପ୍ରମୁଖ ସ୍ୱର୍ଗତ ଜୟନ୍ତ ଦାସଙ୍କ ସ୍ମୃତିଚାରଣ କରି ଥିଲେ । ଏହାକୁ ଯୋଗେଶ କୁମାର ରାଉଳ ସଂଯୋଜନା କରିଥିଲେ ।

# ୟୁ.ସି.ଆ.ଡି. ନିୟମକୁ ନିୟମକୁ ଅଳଙ୍କାର ଦୋକାନୀଙ୍କ ବିରୋଧ : ସବୁ ଦୋକାନ ବନ୍ଦ

ଜଳେଶ୍ୱର ,୨୪/୮ (ନି.ପ୍ର): ଅଳଙ୍କାର କିଣିବାଲାଗି କିଛିବର୍ଷ ପୂର୍ବେ ସରକାର ହୋଲମାର୍କ ଗହଣା ବିକ୍ରିର ବ୍ୟବସ୍ଥା ହୋଇଥିଲା । ଫଳରେ ଖାଉଟିମାନଙ୍କୁ ଅଧିକ ଅର୍ଥ ଦେବାକୁ ପଡୁଥିଲେ ମଧ୍ୟ ହୋଲମାର୍କ ରଖାଯାଉଥିବାରୁ ଅଳଙ୍କାର ଦୋକାନୀ କିମ୍ବା ଗରାଖ ବିରୋଧ କରିନଥିଲେ । ନିକଟରେ ସରକାର ୟୁସିଆଡି ଅନ୍ୟ ଏକ ନିୟମ ପ୍ରଚଳନ କରିଛନ୍ତି । ଫଳରେ ଏହା ଅଳଙ୍କାର ବ୍ୟବସାୟୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ମତପ୍ରକାଶ ପାଇଛି । ସଂଘୀୟ ଡାକରାରେ ଆଜି ବାଲେଶ୍ୱର ଜିଲାର ଜଳେଶ୍ୱରର ସମସ୍ତ ଅଳଙ୍କାର ଦୋକାନ ସରକାରଙ୍କ ନିୟମକୁ ବିରୋଧ କରି ବନ୍ଦ ରଖିଥିଲେ । ଆଜି ସୋମବାର ଜଳେଶ୍ୱର ଏକ ସାପ୍ତାହିକ ହାଟ ଅନୁଷ୍ଠିତ ହୋଇଥାଏ । ଓଡିଶା ଓ ପର୍ଶ୍ଚିମବଂଗର ବହୁ ବ୍ୟକ୍ତି ଆଜି ଦିନରେ ଜଳେଶ୍ୱର ଆସି ଅଳଙ୍କାର କିଣିଥାନ୍ତି । କିନ୍ତୁ ଦୋକାନ ବନ୍ଦ ରହିଥିବାରୁ କିଣାବିକା ଠପ୍ ହୋଇ ଯାଇଥିଲା । ଜଳେଶ୍ୱର ସହରରେ ଥିବା ଚନ୍ଦନେଶ୍ୱର ଜୁୟେଲାର୍ସ, ରୌପ୍ୟଶ୍ରୀ ଅଳଙ୍କାର, ଗିନି ହାଉସ, ତାରିଣୀ ଜୁୟେଲାର୍ସ, ଅଳଙ୍କାର ଜୁୟେଲାର୍ସ, ଲିଳା ଜୁୟେଲାର୍ସ ପ୍ରଭୃତି ବଡବଡ ଦୋକାନ ସହିତ ବହୁ ଛୋଟ ଛୋଟ ଦୋକାନ ବନ୍ଦ ରହିଥିଲା ।

# ଭାରତୀୟ ଜନତା ପାର୍ଟି ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଝାରସୁଗୁଡା,୨୪/୮ (ନି.ପ୍ର): ଆଜି ଝାରସୁଗୁଡ଼ାର ସ୍ୱରୂପ ଗାର୍ଡେନ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି ର ଜିଲ୍ଲା କମିଟି ତରଫରୁ ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ସକାଳ ୧୦ ସମୟରେ ଅନୁଷ୍ଠିତ ହୋଇଛି । ଏହି ବୈଠକ ରେ ବିଜେପି ଜିଲ୍ଲା ର ସମସ୍ତ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚା ସଭାପତି , ଏବଂ ମଣ୍ଡଳ ପ୍ରଭାରୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ ପାଇଁ ସମସ୍ତ ପ୍ରକାର ରଣନୀତି ତୃଣମୂଳ ସ୍ତରରେ ପ୍ରସ୍ତୁତି କୁ ନେଇ ବୈଠକରେ ଚର୍ଚ୍ଚା ହୋଇଥିବା ସହ ନୂତନ ଭାବରେ ଗଠନ ହୋଇଥିବା ସମସ୍ତ ମୋର୍ଚ୍ଚା ଏବଂ ମଣ୍ଡଳର ପଦଧିକାରୀ ମନଙ୍କୁ ଦାୟିତ୍ୱ ତୁଲେଇବା ସହ ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଂଚି ସମସ୍ୟାର ସମାଧାନ କରିବା ସହ ଭାରତୀୟ ଜନତା ପାର୍ଟି କିପରି ଆଗାମୀ ଦିନରେ ଉଭୟ ପୌରାଂଚଳ ଏବଂ ପଞ୍ଚାୟତ ନିର୍ବାଚନରେ ସରକାର ଗଢିବା ଦିଗରେ ଆଲୋକପାତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାଏ, ଚକାନନ ସା, ବିମଳେନ୍ଦୁ ଭୋଳ, ମୋର୍ଚ୍ଚା ସଭାପତିଙ୍କ ମଧ୍ୟରେ ନିଳାମ୍ବର ଡ଼ନସେନା, ମହମ୍ମଦ ଖୁର୍ଷିଦ ଆଲମ ଖାଁ, ମୁରାରୀ ପାଣିଗ୍ରାହୀ, ଉତମ ନେଗୀ, ରୀନା ପଟେଲ, ମହେଶ୍ୱର ନାଏକ, ଉପ ସଭାପତି -ନେତାଜୀ ପଟ୍ଟନାୟକ, ନାବଲ ଅଗ୍ରଓ୍ୱାଲ, ବୈଜନ୍ତି ତନ୍ତୀ, ସଂଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଳମନ୍ତ୍ରୀଙ୍କୁ ସାକ୍ଷାତ କଲେ ଖଡ଼ିଆଳ ବିଧାୟକ

ନୂଆପଡା,୨୪/୮ (ନି.ପ୍ର): କେନ୍ଦ୍ର ରେଳ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଲାଙ୍ଗୀର ଗସ୍ତ ଅବସରରେ ତାଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ । ବିଶେଷ କରି କଣ୍ଟାବାଞ୍ଜିରୁ ଜୟପୁର ଭାୟା ଖଡ଼ିଆଳ, ଡୁଆଝର, କିରିକିଟା, ସିନାପାଲି, ଗୋଲାମୁଣ୍ଡା ରେଳପଥ ଶୀଘ୍ର ଆରମ୍ଭ କରିବାକୁ ସେ ଦାବି କରିଥିଲେ । ରେଳମନ୍ତ୍ରୀ ମଧ ଏନେଇ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । କେନ୍ଦ୍ରମନ୍ତ୍ରୀଙ୍କ ସହ ଶ୍ରୀଯୁକ୍ତ ପାଣିଗ୍ରାହୀ ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ରେଳରେ ଯାତ୍ରା ମଧ କରିଥିଲେ ।

# ରୋଗୀ କଲ୍ୟାଣ ସମିତି ବୈଠକ

ମାଲକାନଗିରି,୨୪/୮ (ନି.ପ୍ର): ମାଲକାନାଗିରି ଜିଲ୍ଲା କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସୋମବାର ଦିନ ୧୧ ଟା ସମୟରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି ! ଏହି ବୈଠକରେ କାଲିମେଳା ମେଡିକାଲ ଅଫିସର ଡାଃ ଏମ୍. ଏମ୍ ଅବିଦ ହୁସେନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଉପସ୍ଥିତ ଥିଲେ ! ଏଥିସହ କାଲିମେଳା ଜୋନ୍ ୨ ର ଜିଲ୍ଲା ପରିଷଦ ସଭ୍ୟ ଉତ୍ତମ ରାୟ, କାଲିମେଳା ଜିଲ୍ଲା ପରିଷଦର ଜୋନ୍ ୧ ର ସଭ୍ୟ ସମୀର ମିସ୍ତ୍ରୀ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ବିପିଓ ବିକାଶ ମିଶ୍ର, କିରାଣୀ ସୁକାନ୍ତ ସାହୁ, ଜଳ ଓ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ପିଥୋ ସୁରେନ୍, ସହ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ, ଆଇ ସି ଡି ଏସ୍ ର ସିନିୟର ଆସିଷ୍ଟାଣ୍ଟ ଦୁଲାଲ ସେନାପତି, ସାମଜିକ କର୍ମି ରତ୍ନାକର ପାଣିଗ୍ରାହୀ ଓ ବିଶି କେଶନ ଦାସ ପ୍ରମୂଖ ଉପସ୍ଥିତ ଥିଲେ ! ଏହି ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ର ର ଭିତ୍ତି ଭୂମି ର ବିକାଶ ସହିତ କେନ୍ଦ୍ର ରେ ଆବଶ୍ୟକ ଆସବା ପତ୍ର ଆବଶ୍ୟକତା କୁ ଦୃଷ୍ଟିରେ ରେ ରଖି ରୋଗୀ କଲ୍ୟାଣ ସମିତି ଫଣ୍ଡ ରୁ ୧୭ ଲକ୍ଷ ଟଙ୍କାର ସାମଗ୍ରୀ କ୍ରୟ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା ! ଏଥି ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅଧିକ ଡାକ୍ତର ନିଯୁକ୍ତି ସାଙ୍ଗକୁ ଷ୍ଟାଫ୍ ନର୍ସ ନିଯୁକ୍ତି କରିବା ପାଇଁ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରାଯାଇଛି ! କାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦୈନଦିନ ଅଧିକ୍ ରୋଗୀ ହେଉ ଥିବାରୁ ଏହାର ଭିତ୍ତି ଭୂମି ବୃଦ୍ଧି ସହ କାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସବଡ଼ିଭିଜିନାଲ ମେଡିକାଲ କରିବା ପାଇଁ ଦାବୀ କରାଯାଇ ଥିବା ର ଜଣା ପଡିଛି !

# ଏସଆଇଙ୍କ ବିରୁଦ୍ଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ଆଇନଜୀବି

ଗଞ୍ଜାମ,୨୪/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଓକିଲ ସଂଘର ସଦସ୍ୟ ତଥା ଆଇନଜିବୀ ପ୍ରମୋଦ କୁମାର ନାହକ ନିମଖଣ୍ଡି ଫାଣ୍ଡି ଅଧିକାରୀଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ଆଇନଜିବୀ ଓ ତାଙ୍କ ପତ୍ନୀଙ୍କୁ ଫାଣ୍ଡି ଅଧିକାରୀ ଜ୍ୟୋତିରଞ୍ଜନ ବେହେରା ଫାଣ୍ଡି ଭିତରେ ଦୁର୍ବ୍ୟବହାର କରିଥିବା ନେଇ ଆଇନଜିବୀ ପ୍ରମୋଦ, ତାଙ୍କ ପତ୍ନୀ ଓ ବରିଷ୍ଠ ଆଇନଜିବୀ ଶ୍ରୀହର୍ଷ ପ୍ରସାଦ ଦାଶ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଫାଣ୍ଡି ଅଧିକାରୀଙ୍କ ନାମରେ ୧ ସି.ସି.ରେ ମାମଲା ରୁଜ୍ଜୁ କରାଯାଇଥିବା ନେଇ ମଧ ସେ ସୂଚନା ଦେଇଛନ୍ତି । ଫାଣ୍ଡି ଅଧିକାରୀ ଜ୍ୟୋତିରଞ୍ଜନଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ୫-ଟି ସଚିବ ଏବଂ ଡ଼ିଜିପିଙ୍କୁ ମଧ ଚିଠି ମାଧମରେ ଅବଗତ କରାଯାଇଛି । ଡ଼ିଆଇଜିଙ୍କ ସମେତ ଗଞ୍ଜାମ ଜିଲ୍ଲା ଓକିଲ ସଂଘକୁ ମଧ ଏ ସମ୍ପର୍କରେ ଅବଗତ କରାଯାଇଛି । ଆବଶ୍ୟକ ପଡିଲେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବେ ବୋଲି ଜଣାଇଛନ୍ତି । ଗତ ମାର୍ଚ୍ଚ ୨୩ ତାରିଖରେ ଆଇନଜିବୀ ଏବଂ ତାଙ୍କ ପତ୍ନୀ ଘରେ ନଥିବା ବେଳେ ଘରୁ ପ୍ରାୟ ୨୦ ତୋଳା ସୁନା ଅଳଙ୍କାର ସହ ଅଢ଼େଇ ଲକ୍ଷ ଟଙ୍କା ଚୋରୀ ହୋଇଥିଲା । ଏ ସଂକ୍ରାନ୍ତରେ ସେ ସଦର ଥାନାରେ ଅଭିଯୋଗ କରିଥିଲେ । ଆଇନଜିବୀଙ୍କ ପଡ଼ୋଶୀ ଚନ୍ଦନ ଡ଼ାକୁଆ ନାମକ ଜଣେ ବ୍ୟକ୍ତିଙ୍କୁ ନେଇ ପୋଲିସ ପଚରା ଉଚରା କରିଥିଲା । ଜୁଲାଇ ମାସରେ ଆଇନଜିବୀ ପ୍ରମୋଦ କେତେକ ଯୁବକଙ୍କୁ ହାତ କରି ଚନ୍ଦନକୁ ଅପହରଣ କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ଆଇନଜିବୀଙ୍କ ନାମରେ ଏତଲା ମଧ ହୋଇଥିଲା । ପ୍ରମୋଦ ଜୁଲାଇ ୨୬ ରେ ହାଇକୋର୍ଟରୁ ଆଗୁଆ ଜାମିନ୍ ଆଣିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେ ଅଗଷ୍ଟ ୧ ରେ ସଦର ଥାନାକୁ ଯାଇ ହାଜର ହୋଇଥିବା ବେଳେ ତଦନ୍ତ ଅଧିକାରୀ ଏସଆଇ ଜ୍ୟୋତିରଞ୍ଜନ ତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରିଛନ୍ତି ପ୍ରମୋଦ । ଅନ୍ୟପକ୍ଷରେ ଏନେଇ ଫାଣ୍ଡି ଅଧିକାରୀ ଶ୍ରୀ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବପର ହୋଇନାହିଁ ।

# ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଦୁରୁଆ ସମ୍ପ୍ରଦାୟ

ଜୟପୁର,୨୪/୮ (ନି.ପ୍ର): କୋରାପୁଟ ଜିଲାରେ ବସବାସକରୁଥିବା ଦୁରୁଆ ସମ୍ପ୍ରଦାୟର ଲୋକେ ଆଦିବାସୀ ମାନ୍ୟତା ପାଇଁ ଦାର୍ଘ ୨୫ ବର୍ଷ ହେବ ଦାବି କରି ଆସୁଛନ୍ତି ।ଏନେଇ ଆଜି ଦୁରୁଆ ଆଦିବାସୀ ମହିଳା ମହାସଂଘ ତରଫରୁ ବିଶାଳ ଶୋଭାଯାତ୍ରାରେ ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ପହଞ୍ଚି ସରକାରି ବିରୋଧି ସ୍ଲୋଗାନ ଦେଇ ଧାରଣା ରେ ବସିଥିଲେ । ଏହି ବିକ୍ଷୋଭ ଧାରଣାରେ ଦୁରୁଆ ସମ୍ପ୍ରଦାୟର ଛାତ୍ର ଛାତ୍ରୀ ମହିଳା ପୁରୁଷ ମାନେ ନିଜ ଦୁରୁଆ ବେଶ ସଜ୍ଜିତ ହୋଇ ଧରଣା ରେ ବସିଥିଲେ । ଉପ ଜିଲାପାଳ ହେମକାନ୍ତ ସାୟ ଙ୍କ ଅନୁପସ୍ଥିତିରେ ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା ଆନ୍ଦୋଳନ କାରିଙ୍କୁ ବହୁତ ବୁଝା ସୁଝା କରିଥିଲେ । କିନ୍ତୁ ସେ ମାନେ ଲିଖିତ ପ୍ରତିଶ୍ରୁତି ନ ମେଳିବା ଯାଏ ଧାରଣା ରୁ ଓହରିବୁ ନାହିଁ ବୋଲି ନିଜ ଯିଦ ରେ ଅଟଳ ରହିଥିଲେ । ମହିଳା ମହାସଂଘର ଉପଦେଷ୍ଟା ଚନ୍ଦ୍ର ସଗରିଆ ଙ୍କ ନେତୃତ୍ୱରେ ଏହି ଧାରଣା ବିକ୍ଷୋଭ ଦିଆଯାଇଛି । ଆଦିବାସୀ ପ୍ରମାଣ ନ ମିଳିବାରୁ ଛାତ୍ର ଛାତ୍ରୀ ମାନେ ଆଦିବାସୀ ଛାତ୍ରାବାସରେ ରହି ପାଠ ପଢିବାରୁ ବଞ୍ଚିତ ହୋଉଛନ୍ତି । ଏଥିପାଇଁ ଅଧିକାଂଶ ସମୟରେ ଛାତ୍ର ଛାତ୍ରୀ ମାନେ ପ୍ରାଥମିକ ଶିକ୍ଷା ପରେ ପାଠ ଛାଡି ଦେଉଛନ୍ତି । ମାନ୍ୟତା ନଥିବାଯୋଗୁଁ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ଉପ ଜିଲାପାଳ ହେମକାନ୍ତ ସାୟ ଦୁରୁଆ ସମାଜ ସହ ଆଲୋଚନା କରିଥିଲେ । ଏନେଇ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁିଦେବା ସହ ୧୫ ଦିନ ସମୟ ମାଗିଥିଲେ । ୬ ଘଂଟା ପରେ ଧାରଣାରୁ ଓହରିଲେ ଦୁରୁଆ ମହିଳା ମହାସଂଘ ।

# ଫନି ସହାୟତା ଦେବାରେ ରାଜ୍ୟ ସରକାର ବିଫଳ : ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବିଜେପି

ପୁରୀ,୨୪/୮ (ନି.ପ୍ର): ରାଜ୍ୟ ଏବଂ ଜିଲ୍ଲାରେ ସାଧାରଣ ଜନତା ଫନିବାତ୍ୟା ସମୟରେ ଅନେକ କ୍ଷତି ସହିଛନ୍ତି । ବର୍ତମାାନ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ଫନି ସହାୟତା ମିଳିପାରିନାହିଁ ବୋଲି ଆଜି ଜିଲ୍ଲା ବିଜେପି ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳିନୀରେ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏପରିକି ସରକାରୀ ଦଳର କର୍ମୀ ଓ ସମର୍ଥକଙ୍କୁ ଫନିବାତ୍ୟା ସହାୟତା ଓ ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯାଇଛି । ଏହି ଅନିୟମିତତା ସମ୍ପର୍କରେ କଣାସର ଆରଆଇ ପ୍ରତିବାଦ କରିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପ୍ରକୃତ ହିତାଧିକାରୀଙ୍କୁ ଫନି ସହାୟତା ଯୋଗାଇ ଦେବାରେ ବିଫଳ ହୋଇଛନ୍ତି । ପ୍ରକୃତ ହିତାଧିକାରୀଙ୍କୁ ଫନି ସହାୟତା ଦିଆନଗଲେ ବିଜେପି ପକ୍ଷରୁ ଜନଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ପ୍ରବକ୍ତା ରମା ବଳିଆରସିଂହ, ସତ୍ୟବାଦୀର ଯୁବନେତା ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ସମ୍ପାଦକ ଉମାକାନ୍ତ ନାୟକ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଶ୍ରୀ ନିମାଇଁ ଚରଣଙ୍କ ବାର୍ଷିକ ଉତ୍ସବ

ଧର୍ମଶାଳା,୨୪/୮ (ନି.ପ୍ର): ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ଚଣ୍ଡି ମନ୍ଦିର ପରିସରରେ ଥିବା ଶ୍ରୀଶ୍ରୀ ନିମାଇଁ ଚରଣଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏନେଇ ମନ୍ଦିର ବେଢାକୁ ସାଜସଜ୍ଜା କରାଯିବା ସହ ଆଧ୍ୟତ୍ମୀକ ଓ ଧାର୍ମୀୟ ପରିବେଶ ମଧ୍ୟରେ କରୋନା କରୋନାକୁ ମାନି ରତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀଶ୍ରୀ ନିମାଇଁ ଚରଣଙ୍କ ସମାଧୀକୁ ନୂତନ ବସ୍ତ୍ର ଓ ଫୁଲମାଳରେ ବେଶ କରାଯାଇଥିଲା । ଭୋଗ ଲାଗି କରାଯିବା ପରେ ଭାଗବତ ଗୀତା ପାଠ କରାଯାଇଥିଲା । ସ୍ୱତନ୍ତ୍ର ନିତି ଭୋଗ କରାଯାଇ ଭକ୍ତମାନଙ୍କୁ ବଂଟନ କରାଯାଇଥିଲା । ସ୍ଥାନୀୟ ଅଂଚଳର ବହୁ ଭକ୍ତ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ ।

# ନିଅଂଟିଆ ବର୍ଷା ଯୋଗୁ ଜଳସେଚନ ଓ ଉଠା ଜଳସେଚନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨୪/୮ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଉଠା ଜଳ ସେଚନ ଓ ଜଳ ସେଚନ ପାଇଁ ବ୍ୟବସ୍ଥା କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ୬୭% ନିଅଣ୍ଟିଆ ବର୍ଷା ହୋଇ ଥିବାରୁ ଏହା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବା ପାଇଁ ଅପେକ୍ଷା କରିଥିବା କୃଷକମାନେ ଜଳ ସେଚନ ଓ ଉଠା ଜଳ ସେଚନ ମାଧମରେ ଚାଷକାର୍ଯ୍ୟ ସଂପନ୍ନ କରିବା ଦିଗରେ ପ୍ରଶାସନ ତତ୍ପର ହୋଇ ଉଠିଛି । ଜିଲ୍ଲାର ୩ଟି ବ୍ଲକ ବିଶେଷକରି ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ସର୍ବାଧିକ ନିଅଣ୍ଟିଆ ବର୍ଷାର ଶିକାର ହୋଇଥିବା ବେଳେ ଉଠା ଜଳସେଚନ ପଏଂଟ ମାଧମରେ ଚାଷ ପାଇଁ ଜଳ ଯୋଗାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି । ଏନେଇ ଜିଲ୍ଲା ରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳ ସେଚନ ପଏଂଟଗୁଡିକୁ ତନଖି କରାଯାଇ ଅଚଳ ପଏଣ୍ଟ ଗୁଡିକୁ ସଚଳ କରାଯିବା ସହ ଯେଉଁ ପଏଂଟଗୁଡିକ ସଚଳ ଥାଇ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି ସେଗୁଡିକୁ ଆବଶ୍ୟକୀୟ ମରାମତି କରାଯିବ । ଏହାସହ ବ୍ୟକ୍ତିଗତ ସ୍ତରରେ ପଏଣ୍ଟ ଗୁଡିକୁ ମଧ ଆବଶ୍ୟକୀୟ ମରାମତି କରାଯିବ । ମୁଖତଃ ଜଳସେଚନ ତଥା ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ଜଳସେଚନ ଡିଭିଜନ ମାଧମରେ କାର୍ଯ୍ୟକାରୀ ହୋଇଥିବା ପଏଂଟଗୁଡିକ ଶେଷ ମୁଣ୍ଡକୁ ପାଣି ଯୋଗାଇବା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି । ଏହା ସହ ମାଇନର ଇରିଗେସନଗୁଡିକୁ ମଧ ସକ୍ରୀୟ କରାଯାଇ କୃଷିକ୍ଷେତ୍ରକୁ ଜଳ ଯୋଗାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଅଗଷ୍ଟ ମାସ ସୁଦ୍ଧା ନିଅଣ୍ଟିଆ ବର୍ଷା ପରିମାଣ ହାରାହାରି ୬୭% କମ ଥିବାରୁ ବର୍ଷା ଉପରେ ନିର୍ଭର କରି କରାଯାଉ ଥିବା ପାରଂପରିକ ଧାନଚାଷ ଯଦି ପ୍ରଭାବିତ ହୁଏ ତେବେ ବିକଳ୍ପ ଭାବେ ବିରି, ମୁଗ ପ୍ରଭୃତି ଡାଲି ଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଏଥିପାଇଁ ଡାଲି ଜାତୀୟ ଫସଲର ଆବଶ୍ୟକୀୟ ବିହନ ଜିଲ୍ଲା ସ୍ତରରେ ଗଚ୍ଛିତ ରଖିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିବା ସମୀକ୍ଷା ବୈଠକରୁ ଜଣା ପଡିଛି । ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜଳ ସେଚନ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ ରାଉତଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଖଡ଼ିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ନୂଆପଡ଼ା,୨୪/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସାହିତ୍ୟ ସମିତି ପକ୍ଷରୁ ଖଡ଼ିଆଳ ରାଜ ଦରବାର ହଲ୍ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଉଯାଇଛି । ଏଥିରେ ସାହିତ୍ୟ ସମିତିର ସଭାପତି ତଥା ବିଶିଷ୍ଟ ଗବେଷକ ଖଡ଼ିଆଳ ରାଜା ଡ଼. ଜିଟାମିତ୍ର ସିଂ ଦେଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ସନାତନ ମହାଉତି, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ରାଜ ପରିବାର ପଟାୟତ କବି ନୀଳଲୋହିତ ସିଂ ଦେଓ ଯୋଗଦେଇ ଗଙ୍ଗାଧର ମେହେରଙ୍କ ସାହିତ୍ୟ ଆଦର୍ଶ ଭାବରେ ପରିପୂର୍ଣ୍ଣ ଓ ସାମାଜିକ ଚେତନାର ବାର୍ତା ପରିପ୍ରକାଶ କରିଥାଏ ବୋଲି କହିଥିଲେ । ବିଶିଷ୍ଟ ସାହିତ୍ୟିକ ଉପେନ୍ଦ୍ର କୁମାର ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ । ଶେଷରେ ଖରତ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସାହିତ୍ୟ ସମିତି ସଂପାଦକ ଇରଫାନ ମହମ୍ମଦ, ହେମସାଗର ଚିନ୍ଦା, ରମାକାନ୍ତ ସାହାଣୀ, ମଣିଭଦ୍ର ସାହୁଙ୍କ ସମେତ ଅନ୍ୟାନ୍ୟ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ ।

## ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ





ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡରେ ରହିଛି । ଏଥନିକ୍ ଏବଂ କାଜୁଆଲ୍ ଉଭୟ ଆଉଟଫିଟ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧିପାରିବେ । ଏଥିରେ ଏକ ଫ୍ୟୁଜନ କମ୍ବିନେସନ ମଧ୍ୟ ବନେଇ ପାରିବେ । କଲରଫୁଲ, ପ୍ଲେନ୍, ଫ୍ଲୋରାଲ ଏବଂ ଡବଲ ସାଇଡେଡ୍ ସ୍ରଗ୍ ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ ।

**ସିଜନ୍ ଅନୁସାରେ ଷ୍ଟାଇଲ ବନାନ୍ତୁ:**

ଏବେ ବଲିଉଡ୍ ଅଭିନେତ୍ରୀମାନେ ବଡିକନ୍ ଡ୍ରେସ୍, ସର୍ଟସ୍ ଏବଂ ଟୁ ପିସ୍ ଉପରେ ଲଙ୍ଗ୍ ସ୍ରଗ୍ ପିନ୍ଧିବାର ନଜର ଆସୁଛନ୍ତି । ଜିନ୍ସ, ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, ଗାଉନ୍, କୁର୍ତ୍ତା ଏବଂ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଭଲ ମାନିଥାଏ । ଏହାର ସ୍ଲିଭଲେସ୍ ଏବଂ ଫୁଲ କିମ୍ବା ଥ୍ରି ଫୋର୍ଥ ସ୍ଲିଭସ୍ ପରି ଅନେକ ଭେରାଇଟି ମିଳୁଛି । ତେବେ ହେଭି, ବୋଲ୍ଡ ଏବଂ ଲାଇଟ୍ ପ୍ରିଣ୍ଟ ଲଙ୍ଗ୍ ସ୍ରଗ୍‌କୁ ସବୁ ସିଜନ୍ ଅନୁସାରେ ଡ୍ରେସ୍ ସହିତ ଷ୍ଟାଇଲ୍ କରିପାରିବେ ।

**ଦିଅନ୍ତୁ ଷ୍ଟାଇଲିଶ୍ ଟଚ୍:**

♦ଇଣ୍ଡୋ- ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ମ୍ୟାକ୍ସି ଡ୍ରେସ୍ ବା କୁର୍ତ୍ତା ସହିତ ଟିମ୍ ଅପ୍ କରିପାରିବେ ଲଙ୍ଗ୍ ସ୍ରଗ୍ । ଏଥିରେ ଆପଣ ପରଫେକ୍ଟ ଫ୍ୟୁଜନ୍ ଲୁକ୍ ପାଇପାରିବେ । କ୍ରପ୍ ଟପ୍ ଏବଂ ସ୍କର୍ଟ ସହିତ ପିନ୍ଧନ୍ତୁ । ପାଲାଜୋ ପିନ୍ଧୁଥିଲେ ହାଇ-ଲୋ କିମ୍ବା ଫ୍ରଣ୍ଟ ଓପନ୍ ଲଙ୍ଗ୍ ସ୍ରଗ୍ ଲେୟାରିଙ୍ଗ୍ ଭଲ ଅପସନ୍ ହେବ ।

♦ପାର୍ଟିରେ ସ୍ଲିମ୍ ସର୍ଟ ଡ୍ରେସ୍ ପିନ୍ଧିବାକୁ ଚାହୁଁଥିଲେ, ଲଙ୍ଗ୍ ସ୍ରଗ୍ କାମରେ ଆସିଥାଏ । ସେହିପରି ହଟ୍ ପ୍ୟାଣ୍ଟ, ସର୍ଟ ସ୍କର୍ଟ ସହିତ ମଧ୍ୟ ପେୟାର କରିପାରିବେ ।


♦ବଡିକନ୍ ଡ୍ରେସ୍, ଟି ସାର୍ଟ, ସର୍ଟସ୍ ଏବଂ ଜମ୍ପସୁଟ୍‌ରେ ଲଙ୍ଗ୍ ସ୍ରଗ୍ ଟ୍ରାଏ କରନ୍ତୁ । ଯଦି ଆପଣଙ୍କ ଉଚ୍ଚତା ଛୋଟ ତା'ହେଲେ ଚିନ୍ତା କରିବାର ନାହିଁ, ସର୍ଟସ୍ ସହିତ ଏହାକୁ ପିନ୍ଧିପାରିବେ । ତା' ସହିତ ହାଇ ହିଲ୍ ପିନ୍ଧିବାକୁ ଭୁଲିବେ ନାହିଁ । ହେୟାର ଷ୍ଟାଇଲରେ ଅପର ବନ୍ ବନାନ୍ତୁ । ଏଥିରେ ଆପଣ ଲମ୍ବା ଦେଖାଯିବେ ।

♦କାଜୁଆଲ ଲୁକ୍ ପାଇଁ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଟିମ୍ ଅପ୍ କରନ୍ତୁ । ଏହାକୁ ଆପଣ ବିଚ୍ ୱିୟର ରୂପେ ମଧ୍ୟ ପିନ୍ଧିପାରିବେ । ସେମି ଫର୍ମାଲ୍ ଲୁକ୍ ପାଇଁ ଜିନ୍ସ ଏବଂ କୁର୍ତ୍ତା ସହିତ ପିନ୍ଧିପାରିବେ । ସାଲୱାର କମିଜ ଏବଂ ଗାଉନରେ ଲଙ୍ଗ୍ ଫ୍ଲାଟ୍ କଲର୍ଡ ସ୍ରଗ୍‌ର କମ୍ବିନେସନ ସ୍ୱତନ୍ତ୍ର ଅବସରରେ କ୍ଲାସି ଲୁକ୍ ଦେଇଥାଏ ।

♦ଏହା ସହିତ ଲଙ୍ଗ୍ ଚେନ୍ ପେଣ୍ଡେଣ୍ଟ ଭଲ ମାନିଥାଏ । ଯଦି ବଡିକନ୍ ଡ୍ରେସ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧୁଛନ୍ତି, ଚୋକର କିମ୍ବା ଟ୍ରାଇବାଲ ଜୁଏଲାରୀ କ୍ୟାରି କରନ୍ତୁ । ସର୍ଟସ୍ ଏବଂ ଅଫ୍ ସୋଲ୍ଡର ଟପ୍‌ରେ ଚୋକର ଏବଂ ନେକପିସ୍ ସୁନ୍ଦର ଲାଗିଥାଏ । ତାହିଁଲେ କେବଳ ଷ୍ଟାଇଲ ଷ୍ଟେଟମେଣ୍ଟ ଇଅରରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

♦ପାର୍ଟି ଏବଂ ଆଉଟିଙ୍ଗରେ ବ୍ରାଇଟ୍ କଲର୍‌ର ସ୍ରଗ୍ ନିଅନ୍ତୁ । ଅରେଞ୍ଜ ସେଡ୍ ଟ୍ରେଣ୍ଡରେ ରହିଛି । ପ୍ରିଣ୍ଟେଡ୍ ଏବଂ ଚେକ୍ସ ସ୍ରଗ୍ ପିନ୍ଧିପାରିବେ । ନାଇଟ୍ ପାର୍ଟି ପାଇଁ ମେଟାଲିକ୍ କଲର ଭଲ ମାନିଥାଏ ।

## ବହି ଥାକର ପାଠାଗାର




ସବୁ ପାଠାଗାରରେ ବହି ଥାକ ଥାଏ ସତ ହେଲେ ଖୁବ୍ କମ୍ ପାଠାଗାର ବିଶାଳ ବହି ଥାକରେ ନିର୍ମିତ ହୋଇଥିବାର ଭ୍ରମ ସୃଷ୍ଟି କରେ । କେରଳର କାନ୍ନୁର ଜିଲ୍ଲାର କାରାୟିଲରେ ରହିଛି ଏପରି ଏକ ସର୍ବସାଧାରଣ ପାଠାଗାର । 'ଲାଲ ବାହାଦୂର ଶାସ୍ତ୍ରୀ ବୟନଶାଳା ଆଣ୍ଡ୍ ଗ୍ରନ୍ଥାଳୟମ୍' ନାମକ ଉକ୍ତ ପାଠାଗାର ଅଟ୍ଟାଳିକା ଚାରିପଟେ ୪୦୦ଟି(ମୁଖ୍ୟତଃ ମଲାୟମ୍ ଭାଷାର) ପୁସ୍ତକର ପ୍ରଚ୍ଛଦ ଶୋଭା ପାଉଛି । ପାଠାଗାରର ଇତିହାସ ମଧ୍ୟ ରୋଚକ । ରାଜ୍ୟବ୍ୟାପୀ 'ଗ୍ରନ୍ଥଶାଳା ସଂଘମ୍' ପାଠାଗାର ଆନ୍ଦୋଳନ କାଳରେ ୧୯୬୭ ମସିହାଂରେ ଏହାର ଲୋକର୍ପଣ ହୋଇଥିଲା । ପ୍ରାୟ ଏକ ଦଶନ୍ଧି ପୂର୍ବରୁ ରାଜରାସ୍ତା ନିର୍ମାଣ ପାଇଁ ପୁରୁଣା ପାଠାଗାର କୋଠାକୁ ଭାଙ୍ଗି ଦିଆଯିବା ପରେ କିଛି ବର୍ଷ ଭଡ଼ା ଘରେ ପାଠକଙ୍କୁ ସେବା ଯୋଗାଇ ଦିଆଯାଉଥିଲା । ପରେ ୪୦ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରି ଏହି ନୂଆ କୋଠାର ପରିକଳ୍ପନା କରାଗଲା । ସ୍ଥପତି କେକେଆର୍ ଭେଙ୍କାରାଙ୍କ ଡିଜାଇନ୍‌ରେ ନିର୍ମାଣ ପରେ ଗତ ବର୍ଷ ଏହାର ଉଦ୍‌ଘାଟନ କରାଯାଇଛି । କେରଳର ପରମ୍ପରା ଓ ପାଠାଗାର ମଧ୍ୟରେ ସମ୍ପର୍କ ଖୁବ୍ ଘନିଷ୍ଠ । ସେହି କାରଣରୁ କେରଳରେ ରହିଛି ୮,୫୦୦ରୁ ଉର୍ଦ୍ଧ୍ୱ ସର୍ବସାଧାରଣ ପାଠାଗାର ।

## ସ୍ୱାସ୍ଥ୍ୟ ଟିପ୍ସ

କୋଷ୍ଠକାଠିନ୍ୟରୁ ରକ୍ଷା ପାଇବା ପାଇଁ ଖାଦ୍ୟ ବାବଦରେ ସଚେତନ ରହନ୍ତୁ । ଦିନରେ ଦୁଇ ଥର ଫଳ, ତିନିରୁ ଚାରି ଥର ପନିପରିବା ଖାଆନ୍ତୁ । ଅମୃତଭଣ୍ଡା, ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବ ଖାଆନ୍ତୁ । ସେଓ, ପିଜୁଳି ଓ ନାସପାତି ଚୋପା ନ ଛଡ଼ାଇ ଖାଆନ୍ତୁ । ପାଳଙ୍ଗ, ବଥୁଆ, କୋଶଳା, ଖଡ଼ା ଓ ମେଥି ଶାଗ ଖାଆନ୍ତୁ । ବିନ୍ସ, ମଟର ଛୁଇଁ, ବନ୍ଧାକୋବି, ଆଳୁ, ମୂଳା, ଗାଜର, କଞ୍ଚା ଅମୃତଭଣ୍ଡା, କଞ୍ଚା କଦଳୀ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ପ୍ରତି ଦିନ ଦୁଇ ଥର ଡାଲି ଖାଆନ୍ତୁ । ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ । ଫଳ ରସ, ମଇଦା ରୁଟି ପରଦା, ବିସ୍କୁଟ୍, ପାସ୍ତା, ନୁଡୁଲ୍‌ସ, ନାନ ଖାଆନ୍ତୁ ନାହିଁ । ନିୟମିତ ଔଷଧୀୟ ଲାଗ୍‌ଜାଟିଭ୍ ଖାଆନ୍ତୁ ନାହିଁ । ଇସବଗୁଲ ଖାଇପାରିବେ । ରାତିରେ ୧୦-୧୫ଟି କଳା କିସମିସ ବା ୩-୪ଟି ଶୁଖିଲା ଡିମିରି ଉଷୁମ ପାଣିରେ ବତୁରାନ୍ତୁ । ସକାଳେ ପାଣି ସହ ଭଲ ଭାବେ ଚୋବାଇଖାଆନ୍ତୁ । ସର୍ବଦା ଖାଦ୍ୟ ଧୀରେ ଚୋବାଇ ଚୋବାଇ ଖାଆନ୍ତୁ । ୮-୧୦ ଗ୍ଲାସ୍ ପାଣି ପିଅନ୍ତୁ । ଉଷୁମ ଲେମ୍ବୁ ପାଣି ପରିବା ସୁପ୍ ପିଅନ୍ତୁ । ଉଷୁମ ଲେମ୍ବୁ ପାଣି ଓ ପରିବା ସୁପ୍ ପିଅନ୍ତୁ । ଦୈନିକ ବ୍ୟାୟାମ କରନ୍ତୁ ।



## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

**ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବି୍‌ବାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।**



♦ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ ।

ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।

♦ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ ।

ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।

♦ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟଙ୍କୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।

## ପଥର ଉପରେ ରୋଷେଇ !




ମୁମ୍ବଇ ଅନ୍ତର୍ଗତ ଭାୟଖଲାର ନଫୀସ ଅନସାରୀ ଜଣେ ପାଚକ । ସେ ହାଇଦ୍ରାବାଦର ମୂଳ ବାସିନ୍ଦା । ସେ 'ହାଜୀ ଭାଇ ପଥର କେ ସନମ୍' ନାମରେ ପରିଚିତ । କାରଣ ସେ ପଥର ଉପରେ ହିଁ ରୋଷେଇ କରନ୍ତି । ରୋଷେଇରେ କୌଣସି ବାସନ-କୁସନ ବ୍ୟବହାର କରନ୍ତି ନାହିଁ । ତାଙ୍କ ପାଖରେ ସାତଟି ପଥର ସ୍ଲାବ୍ ଅଛି । ପ୍ରତିଟିର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ଦୁଇ ଏବଂ ଅଢ଼େଇ ଫୁଟ; ଓଜନ ପଚାଶ କିଲୋଗ୍ରାମ୍ । କୁକୁଡ଼ା ମାଂସ, ମାଛ ମେଣ୍ଢା ଓ ଛେଳି ମାଂସ ଆଦି ପାଇଁ ଅଲଗା ଅଲଗା ପଥର । ସେଗୁଡ଼ିକ ସଉଦୀ ଆରବରୁ ଆମଦାନି କରିଛନ୍ତି । ଏକ ଲୁହା ଷ୍ଟାଣ୍ଡ ଉପରେ ପଥର ସ୍ଲାବ୍ ରଖି, ସେ କୋଇଲା ଆଞ୍ଚରେ ରାନ୍ଧନ୍ତି । ନଫୀସଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଖାଦ୍ୟର ନାମ ପୂର୍ବରୁ 'ପଥର' ଉପସର୍ଗ ଲାଗେ; ଯଥା- 'ପଥର କା ମୁର୍ଗ', 'ପଥର କା କୋରମା' । ନଫୀସ ଏକଦା ସାଉଦୀ ଆରବରେ କାମ କରୁଥିଲେ । ସେଠାରେ ଆରବୀ ବେଦୁଇନମାନଙ୍କଠାରୁ ପଥର ଉପରେ ରନ୍ଧନ ପଦ୍ଧତି ଶିଖିଥିଲେ । ଭାରତ ଫେରିବା ପରେ ଏହି ନିଆରା ବ୍ୟବସାୟ ଆରମ୍ଭ କରିଥିଲେ ।






## ବଫାଲୋ ଜଂପ୍

କାନାଡ଼ା ଅନ୍ତର୍ଗତ ଦକ୍ଷିଣ ଆଲ୍‌ବର୍ଟାର ଏକ ସ୍ଥାନର ନାମ 'ହେଡ୍-ସ୍ମାସ୍‌ଡ-ଇନ ବଫାଲୋ ଜଂପ୍ । ରକି ପର୍ବତ ପାଦଦେଶରେ ଅବସ୍ଥିତ ଏହି ସ୍ଥାନକୁ ୧୯୮୧ରେ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଏଠାରେ ଦେଖିବାକୁ ମିଳେ ଗୋଟିଏ ବଡ଼ କୁଦ, ଆଦିମ ଅଧିବାସୀଙ୍କର ଏକ ଶିବିରର ଧ୍ୱଂସାବଶେଷ, ବହୁ ସଂଖ୍ୟକ ଗୟଳ ବା ବଣ ମଇଁଷି ବା ଆମେରିକାନ୍ ବାଇସନ୍ କଙ୍କାଳ ଏବଂ କିଛି ସଂକୀର୍ଣ୍ଣ ପାଦ- ଚଲା ରାସ୍ତା । ପ୍ରାୟ ଛଅ ହଜାର ବର୍ଷ ଧରି ଏଠାରେ ଗୟଳ ଶିକାର କରାଯାଉଥିଲା । ଗୟଳମାନଙ୍କର ପ୍ରକୃତି ବାବଦରେ ଆଦିମ ଅଧିବାସୀମାନେ ଭଲ ଭାବେ ଅବଗତ ଥିଲେ । ନିର୍ଦ୍ଦିଷ୍ଟ ପଥ ଦେଇ ଗୟଳ ପଲକୁ ଏହି ସ୍ଥାନକୁ ତଡ଼ିଅଣାଯାଉଥିଲା । 'ହେଡ-ସ୍ମାସ୍‌ଡ-ଇନ୍ ବଫାଲୋ ଜଂପ୍'ରେ ପହଞ୍ଚିବା ପରେ ସେମାନଙ୍କ ପଳାୟନରର ସମସ୍ତ ବାଟ ବନ୍ଦ ହୋଇଯାଉଥିଲା । ଅଧିକାଂଶ ଦଳା-ଚକଟାରେ ମରୁଥିଲେ । ଯେଉଁତକ ବର୍ତ୍ତିଯାଉଥିଲେ, ସଙ୍ଗେସଙ୍ଗେ ମାରିଦିଆଯାଉଥିଲା । ମାଂସ, ଚର୍ମ ଓ ଶିଙ୍ଗ ପାଇଁ ହିଁ ଶିକାର କରାଯାଉଥିଲା । ପଡ଼ିରହୁଥିଲା କେବଳ କଙ୍କାଳ ।



## ଗୁମ୍ଫା ଭିତରେ ସୃଷ୍ଟି ହୁଏ ମେଘ !

କୁହାଯାଏ ପ୍ରତି ବର୍ଷ ମାଉଣ୍ଟ ଏଭରେଷ୍ଟ ଅଭିଯାନରେ ଯେତେଜଣ ସାମିଲ ହୁଅନ୍ତି ତା'ଠାରୁ କମ୍ ଲୋକଙ୍କର ପାଦ ପଡ଼ିଥାଏ ଏହି ଗୁମ୍ଫାରେ । କାରଣ ଏଭରେଷ୍ଟଠାରୁ ଆହୁରି ଦୁର୍ଗମ ଏହି ଗୁମ୍ଫା । ଭିଏତନାମ ଓ ଲାଓସ ସୀମାନ୍ତରେ ଅବସ୍ଥିତ ଏହି ଗୁମ୍ଫାର ନାଁ ହାଂ ସଂ ଡୁଂ ବା ଡୁଂ ଗୁମ୍ଫା ହେଉଛି ପୃଥିବୀର ସର୍ବବୃହତ ଗୁମ୍ଫା । ଭିଏତନାମର କୋୟାଂ ବିନ ପ୍ରଦେଶରେ ହୋଙ୍ଗ ହା କେ ବାଂ ଜାତୀୟ ଉଦ୍ୟାନରେ ଏହି ଚୂନପଥର ବା ଲାଇମଷ୍ଟୋନର ଗୁମ୍ଫାର ବୟସ ୨୦ରୁ ୫୦ ଲକ୍ଷ ବର୍ଷ । ଦୀର୍ଘଦିନ ଧରି ଲୋକଲୋଚନର ଆଢୁଆଳରେ ଥିବା ଏହି ଗୁମ୍ଫାକୁ ୧୯୯୧ ମସିହାରେ ଆବିଷ୍କାର କରିଥିଲେ ଜଣେ ସ୍ଥାନୀୟ କୃଷକ । ହୋ ହାନ ନାମକ ସେହି କୃଷକ ଦୁଷ୍ପ୍ରାପ୍ୟ ଜଡ଼ିବୁଟି ସନ୍ଧାନରେ ଗଭୀରର ଜଙ୍ଗଲ ମଧ୍ୟରେ ବୁଲୁଥିଲେ । ଅଚାନକ ବୃଷ୍ଟି ଆରମ୍ଭ ହୋଇଯିବାରୁ ଆଶ୍ରୟ ସନ୍ଧାନ କଲା ବେଳେ ଦେଖିବାକୁ ପାଇଥିଲେ ଏହି ଗୁମ୍ଫା । ଗୁମ୍ଫା ଭିତରୁ ଜଳ ପ୍ରବାହିତ ହେଉଥିବାର ଶବ୍ଦ ବାରି ସେ ଆଗେଇ ଯାଇଥିଲେ । ଗୁମ୍ଫା ଭିତରେ ପ୍ରବେଶ କରି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାରଣ ସେତେବେଳେ ଗୁମ୍ଫା ଭିତରେ ମେଘ ଜମିଥିଲା । ଗୁମ୍ଫା ଭିତର ଥିଲା ଅତି ଦୁର୍ଗମ । ଏହାର ୧୮ ବର୍ଷ ପରେ ପୁଣିଥରେ ଶିକାର କରିବାକୁ ଯାଇ ସେ ଏହି ଗୁମ୍ଫାର ସନ୍ଧାନ ପାଇଥିଲେ । ଏହି ବ୍ୟକ୍ତିଙ୍କ ଜରିଆରେ ହିଁ ସାରା ବିଶ୍ୱବାସୀ ଜାଣିବାକୁ ପାଇଥିଲେ ଦୁନିଆର ଏହି ସର୍ବବୃହତ ଗୁମ୍ଫା ବିଷୟରେ । ବ୍ରିଟିଶ୍ ଗୁମ୍ଫା ରିସର୍ଚ୍ଚ ଅଭିଯାତ୍ରୀମାନେ ଭିଏତନାମର ଏହି ଗୁମ୍ଫାରେର ୨୦୦୯ ମସିହାରେ ଅନୁସନ୍ଧାନ ଚଳାଇଥିଲେ । ସେମାନେ ଗୁମ୍ଫା ଭିତରେ ଏକ ବିଶାଳ ଲାଇମଷ୍ଟୋନର ପ୍ରସ୍ତର ଖଣ୍ଡ ଆବିଷ୍କାର କରିଥିଲେ । ଏହାର ନାମକରଣ କରାଯାଇଥିଲା ଗ୍ରେଟ ୱାଲ ଅଫ୍ ଭିଏତନାମ । ଏହି ଗୁମ୍ଫା ପ୍ରାୟ ୬୬୦ ଫୁଟ୍ ଉଚ୍ଚ । ଚଉଡ଼ା ପ୍ରାୟ ୪୯୦ ଫୁଟ । ୯ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ଗୁମ୍ଫାଟିର ଛାତରେ ଦୁଇଟି ବିଶାଳ ଗହ୍ୱର ଅଛି ଯାହା ମଧ୍ୟ ଦେଇ ଗୁମ୍ଫା ମଧ୍ୟକୁ ସୂର୍ଯ୍ୟାଲୋକ ପ୍ରବେଶ କରିଥାଏ । ଗୁମ୍ଫା ମଧ୍ୟରେ ଉଦ୍ଭିଦର ବଂଶବିସ୍ତାର ହୋଇପାରିଛି । ୨୦୧୧ ମସିହାରେ ଜଣାପଡ଼ିଲା ଏହି ଗୁମ୍ଫାଟି ଭିଏତନାମର ଆଉ ଗୋଟିଏ ଗୁମ୍ଫା ସହିତ ସଂଯୁକ୍ତ । ବାହ୍ୟ ଜଗତରୁ ବିଚ୍ଛିନ୍ନ ଏହି ଗୁମ୍ଫା ଏହି ଗୁମ୍ଫାର ନିଜସ୍ୱ ପାଣିପାଗ ଚକ୍ର ଅଛି । ଗୁମ୍ଫାର 'ଆକାଶ'ରେ ତିଆରରି ହୁଏ ମେଘ ! ନିଜ ନିୟମ ଅନୁସାରେ ଚାଲେ ଗୁମ୍ଫା ଜୀବନ । ଭିତରେ ଛୋଟ ନଦୀ ପ୍ରବାହିତ ହେଉଥିବାରୁ ଜଳୀୟ ବାଷ୍ପର ଅଭାବ ହୁଏନାହିଁ । ଫଳରେ ମେଘ ତିଆରି ହେବାର ସବୁ ଉପାଦାନ ମହଜୁଦ ଥାଏ ଏହି ଗୁମ୍ଫାରେ । ଏହା ମଧ୍ୟକୁ ସୀମିତ ସଂଖ୍ୟକ ପର୍ଯ୍ୟଟକ ଯିବାର ଅନୁମତି ଅଛି । ପରିବେଶବିଦ୍‌ମାନେ କୁହନ୍ତି ଏହି ଗୁମ୍ଫାକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରାଯିବା ପରଠାରୁ ପ୍ରକୃତିର ଏହି ଅମୂଲ୍ୟ ସଂପଦ ଉପରେ ବିପଦର ବାଦଲ ଘନେଇ ଆସିଛି ।







# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଛାଇ ଆଲୁଅର ଖେଳ...

ଗତ କିଛି ବର୍ଷ ହେଲା ସାରା ବିଶ୍ୱରେ ଚାଲିଛି ପ୍ରକୃତିର ଛାଇ-ଆଲୁଅ ଖେଳ । କେଉଁଠି ମାସ ମାସ ଧରି ଜଙ୍ଗଲରେ ନିଆଁ ଜଳୁଛି ତ' ଆଉ କେଉଁଠି ପାହାଡ଼ ଧସି କୋଡ଼ି କୋଡ଼ି ଜନବସତି ନିଶ୍ଚିହ୍ନ ହୋଇଯାଉଛି । ବର୍ଷା-ବନ୍ୟାଜନିତ କ୍ଷୟକ୍ଷତିର ସୁମାରି ନାହିଁ । ଚୀନ, ଆମେରିକା, ପେରୁ ଓ ହାଇତି ଭଳି ବହୁ ଦେଶରେ ପ୍ରକୃତିର ତାଣ୍ଡବ ଲୀଳା ସମସ୍ତଙ୍କୁ ଥରହର କରିପକାଇଥିବା ବେଳେ ଅନ୍ୟ କେଉଁଠି ପ୍ରବଳ ଭୂକମ୍ପଜନିତ ଧନ-ଜୀବନ ହାନିର କରାଳ ଚିତ୍ର ମିଳୁଛି । ବୃଷ୍ଟିହୀନତା ଯେମିତି ମରୁଡ଼ିକୁ ଡାକି ଆଣୁଛି, ସେମିତି ବର୍ଷାବିପ୍ଳାତ ପାଇଁ ଜନଜୀବନ ହୋଇପଡୁଛି ଅସ୍ତବ୍ୟସ୍ତ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯେମିତି ବିକଳ ଚିତ୍ର ଦେଖାଯାଉଛି, ଆମ ଦେଶର ଚିତ୍ର କିଛି ବ୍ୟତିକ୍ରମ ନୁହେଁ । ବିହାର, ଆସାମ, ୟୁପି ଭଳି ରାଜ୍ୟରେ ଅଚାନକ ବନ୍ୟା ଆସିବା ପରେ ହଜାର ହଜାର ଲୋକ ବାସଚ୍ୟୁତ ହୋଇପଡିଥିବା ଏବଂ ସାଧାରଣ ଜୀବନଯାତ୍ରା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିବା ଦେଖାଦେଇଛି । ଏବେ କରୋନାର ଦ୍ୱିତୀୟ ଲହର ଅପସାରିତ ହେବା ବେଳକୁ ତୃତୀୟ ଲହର ଉଙ୍କି ମାରିବା ସମସ୍ତଙ୍କୁ ଯେମିତି ଆତଙ୍କିତ କରି ରଖିଛି । ପ୍ରକୃତିର ବିଚିତ୍ର ଆଚରଣ ଦେଶ ବିଦେଶରେ ଆଣିଦେଇଥିବା ବିକୃତି ସୂଚାଇ ଦେଉଛି କି, ସବୁ କିଛି ଠିକ୍‌ଠାକ୍ ନାହିଁ । ପୂର୍ବବର୍ଷଗୁଡ଼ିକ ଭଳି ଏଥର ଅନାବୃଷ୍ଟିଜନିତ ଅସ୍ୱାଭାବିକ ଅବସ୍ଥା ସମସ୍ତଙ୍କୁ ହନ୍ତସନ୍ତ କରି ରଖିଛି । ମୌସୁମୀର ଅନିୟମିତ ଆଚରଣ ହେତୁ ଚାଷୀକୂଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନ୍ୟ ରାଜ୍ୟଗୁଡ଼ିକ ଭଳି ଆମ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିଜନିତ ସଙ୍କଟ ଚାଷବାସରେ ବଡ଼ ବାଧକ ହୋଇ ଛିଡ଼ା ହୋଇଛି । ଆମ ରାଜ୍ୟର ୩୦ଟିରୁ ୨୭ ଜିଲ୍ଲାରେ ଅଭାବୀ ବର୍ଷା ପାଇଁ ଧାନରୁଆ ହୋଇପାରିନାହିଁ । ସେଥିପାଇଁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଯେଉଁ କେତେକ ଅଞ୍ଚଳରେ ଜଳସେଚନର ସୁବିଧା ଥିବାର କୁହାଯାଉଛି, ସେଠାରେ କେନାଲରୁ ପାଣି ଛଡ଼ା ନଯିବାରୁ ତଳି ପୋଡ଼ି ଚାଷୀର ଚିନ୍ତା ବଢ଼ାଇ ଦେଇଛି । ଜୁନ୍ ପହିଲାରୁ ଅଗଷ୍ଟ ୨୨ ସୁଦ୍ଧା ମାତ୍ର ୫୩୮୭ ମିଲିମିଟର ବୃଷ୍ଟିପାତ ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୩୦% କମ୍ । ବିଭିନ୍ନ ଜିଲ୍ଲାରେ ଅଭାବୀ ବା ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୭୩ମିମି ବର୍ଷା ରେକର୍ଡ ହୋଇଛି ଚଳିତ ମାସ ୧୨ରୁ ୧୮ ଭିତରେ । କୋରାପୁଟ, ନବରଙ୍ଗପୁର ଓ ଗଜପତିରେ ଅଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି । ନୂଆପଡ଼ା, କଳାହାଣ୍ଡି ଭଳି ଜିଲ୍ଲାରେ ବର୍ଷାରେ କିଛି ସ୍ଥିରତା ପରିଲକ୍ଷିତ ହୋଇନାହିଁ । ପୁରୀ, କେନ୍ଦ୍ରପଡ଼ା, ଭଦ୍ରକ, ଢେଙ୍କାନାଳ ଓ ବୌଦ୍ଧ ଭଳି ଜିଲ୍ଲାରେ ଅଭାବୀ ବର୍ଷା ହେତୁ ବିଷମ ଅବସ୍ଥା ସୃଷ୍ଟି ହୋଇଛି । ଚଳିତ ମୌସୁମୀ ବର୍ଷା କେଉଁ ରାଜ୍ୟରେ କିଭଳି ହୋଇଛି, ତାହାର ଠିକ୍ ଠିକଣା ନାହିଁ । ଆମ ରାଜ୍ୟ ଭଳି ଅନ୍ୟ ପ୍ରାନ୍ତରେ ଦେଖାଦେଇଛି ଅସ୍ୱାଭାବିକ ଅବସ୍ଥା । ସରକାରମାନେ ସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ରାସ୍ତା ବାହାର କରୁଥିବା ସମୟରେ ଅନ୍ନଦାତା, ବସ୍ତୁତଃ ଇନ୍ଦ୍ର ଦେବତାଙ୍କର ଶରଣ ଯାଇଛନ୍ତି । ଯଦି ଠିକ୍ ସମୟରେ ଆଶାଜନକ ବର୍ଷା ହେଉନାହିଁ, ଖାଦ୍ୟସଂକଟ ଦେଖାଦେବା ଥୟ । ଯେତେ ପ୍ରକାର ଉଦ୍ୟମ ହେଲେ ସୁଦ୍ଧା ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ଠିକ୍ ଉପଚାର ହେଉନଥିବାର ଅଭିଯୋଗ ରହିଛି । ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରେ ଚାଷୀ ତାହାର ଉତ୍ପାଦିତ ଶସ୍ୟ ପାଇଁ ଉପଯୁକ୍ତ ସହାୟକ ମୂଲ୍ୟ ପାଉନଥିବାର ଦର୍ଶାଇ ହଜାର ହଜାର ଚାଷୀ ବସି ରହିଛନ୍ତି । ସରକାର ନିଜ ପକ୍ଷରୁ ସମସ୍ୟାର ସମାଧାନ ପାଇଁ କଥାବାର୍ତ୍ତା କଥାବର୍ତ୍ତା ପାଇଁ ପ୍ରସ୍ତୁତ ରହିଥିବାର କହୁଛନ୍ତି । ତାହାର ପରିପ୍ରେକ୍ଷୀ ଭିନ୍ନ ହୋଇଥିଲେ ସୁଦ୍ଧା ପ୍ରକୃତିର ବିକୃତ ଆଚରଣ ସମସ୍ତଙ୍କୁ ଦୁରବସ୍ଥା ଭିତରକୁ ଠେଲି ଦେଲା ଭଳି ଲାଗୁଛି । ଯଦି ଅଳ୍ପ କିଛି ଦିନ ଭିତରେ ଭଲ ବର୍ଷା ନହୁଏ, ଚାଷବାସ ଘୋର ଦୁର୍ଦ୍ଦଶାଗ୍ରସ୍ତ ହେବ । ସୁତରାଂ, କିଭଳି ସ୍ଥିତିର ସମ୍ମୁଖୀନ ହେବାକୁ ଅନ୍ନଦାତାମାନଙ୍କୁ ବାଟ ଦେଖାଯିବ, ତାହା ନେଇ ପ୍ରାଥମିକତା ପ୍ରଦାନ ମୁଖ୍ୟ କାର୍ଯ୍ୟ ହେବା ଉଚିତ୍ ।

## ମୁଁ ଓଡ଼ିଆ - ମୋ ଭାଷା ବଢ଼ିଆ




ଡକ୍ଟର ମନୋରଞ୍ଜନ ବିଷୋୟୀ

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ ବନ୍ଦନୀୟ ।

"ଉଚ୍ଚ ହେବା ପାଇଁ କର
ଯେବେ ଆଶା,
ଉଚ୍ଚ କର ଆଗେ
ନିଜ ମାତୃଭାଷା।"

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ। ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖିଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ-

"ପୁରୁଷ ଶ୍ରୀ ଅଟେ
ବୀର୍ଯ୍ୟଜାତି ଶିରୀ ଭାଷା
ଯାହା ଘେନି-ଜାତି କରେ
ଉନ୍ନତି ପ୍ରତ୍ୟାଶା
ଭାଷା ହିଁ ଜୀବନ
ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷା ହୀନ
ସେ ଜାତି ବର୍ବର ।"

ପ୍ରତ୍ୟେକ ଜାତି ନିଜନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣକୁ ଘୋର ଅପମାନ ଦେଇଥିଲେ। ତେଣୁ ଗଙ୍ଗାଧର ଲେଖିଥିଲେ-

"ମାତୃଭାଷା ପୋଥି
ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି
ଲଜ୍ଜାବୋଧ କରେ ।"

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକ ଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍। ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି। ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି। ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି-

"ମାତୃଭୂମି ମାତୃଭାଷାର
ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ
ଗଣିବା ଅଜ୍ଞାନୀ ରହିବେ କାହିଁ ।"

କେତେ ଯେ ବାଧା ବିପତ୍ତି ମଧ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷାନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେକ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି। ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ୍ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ ସେ ଇଂରେଜୀ ହୋଇ ପାରିବେ ନାହିଁ। ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

"ପିନ୍ଧି Waist Coat
କଥା କୁହ ଇଂରାଜୀରେ
ଖାଅ ଦରସିଝା ମାଂସ
ଦୁର୍ଗନ୍ଧ ପନିର
ଠିଆ ହୋଇ ମୂତ
ଅବା ଘସ ନାହିଁ ଦାନ୍ତ
ଇଂରେଜୀ ନ ହେବ,
ଥିବ ଓଡ଼ିଆ ନିତାନ୍ତ
ମୟୂର ଲାଞ୍ଜକୁ ଗୁଞ୍ଜି ଦ
ବୁଲ ନାହିଁ ଆଉ
ନ ହେବ ମୟୂର,
ଥିବ ଯେ କାଉ ସେ କାଉ ।"

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି ।

ମୁଁ ମଧ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କାରଣ ହେଲା- ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହି ସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତାର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ ।

ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

## ଆଫଗାନିସ୍ତାନ ନେପଥ୍ୟେ ଆମେରିକାର ଅନ୍ତରାଳେ ଭାରତ




ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ , କଟକ - ୪
ଦୂରଭାଷ: ୯୪୩୭୭ ୪୦୨୮୦


ଆଫଗାନିସ୍ତାନରୁ ଆମେରିକାର ସୈନ୍ୟବାହିନୀ ଫେରିଛନ୍ତି, ଏହାକୁ ଦେଖିଲେ ଅନେକ ପ୍ରଶ୍ନବାଚୀ ଉଠିଥାଏ। ଆମେରିକାର ସାମରିକ ୨୦୦୧ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ଦୁଇଟି ଦଶନ୍ଧି ସେଠାରେ ଥିଲେ । ଏହା ସତ୍ତ୍ୱେ କିଛି ଦିନ ମଧ୍ୟରେ ତାଲିବାନ କୌଣସି ଯୁଦ୍ଧ ଏବଂ ରକ୍ତପାତ ବିନା ଯୁଦ୍ଧ କରିଥିଲା । ଆଫଗାନିସ୍ତାନ ଉପରେ ତାଲିବାନ୍ କେତେ ସହଜରେ ସଫଳତା ହାସଲ କରିଛନ୍ତି କି ? ଆଫଗାନିସ୍ତାନରେ ତାଲିବାନର ପ୍ରତ୍ୟାବର୍ତ୍ତନ ଆମେରିକାରେ ସହମତି ଅଛିକି ? ଯଦି ହଁ, ତେବେ ଏହାର, ଆମେରିକାର ବାଧ୍ୟତାମୂଳକ କ'ଣ ହୋଇପାରେ ? ବାଧ୍ୟତାମୂଳକ କାରଣ ଆମେରିକାର ସୁରକ୍ଷା ପାଇଁ ତାଲିବାନର ଶକ୍ତି । ଆଫଗାନିସ୍ତାନରେ ହଜାର ହଜାର ଲୋକ ବିପଦରେ ସମ୍ମୁଖୀନ ହେଉଛନ୍ତି, ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରାଯାଉଛି, ଆମେରିକା କିପରି ସେଠାରେ ତାଲିବାନକୁ ଆଜି ଦେଶକୁ ସହଜରେ ଗ୍ରହଣ କରିବାକୁ ଅନୁମତି ଦେଉଛି ?

ଆମେରିକା ଦ୍ୱାରା ୨୦୨୧ ବର୍ଷ ମାନବିକ ଅଧିକାର, ମହିଳା ଅଧିକାର, ଗଣତନ୍ତ୍ର ଏବଂ ରାଷ୍ଟ୍ର ନିର୍ମାଣ ଏପରିକି ପ୍ରତିଜ୍ଞା ପୂରଣ କରିପାରିଲା ନାହିଁ । ସର୍ବଶେଷରେ ଆମେରିକାର ଉପରୋକ୍ତ ତଥ୍ୟ ଏହାର ଆନ୍ତର୍ଜାତୀୟ ପାଦଚିହ୍ନ ସତ୍ତ୍ୱେ ଦେଖାଯାଉଛି ଆପୋଷ ବୁଝମଣା କରୁଛି କିଏ ? ଇତିହାସର ସବୁଠାରୁ ମହଙ୍ଗା ଯୁଦ୍ଧ ମଧ୍ୟରୁ ଗୋଟିଏ ଦୃଷ୍ଟାନ୍ତ ନେଲେ, ଗତ ବର୍ଷ ପ୍ରକାଶିତ ଏକ ଆକଳନ ଅନୁଯାୟୀ, ୨୦୨୧ ମସିହାରୁ ଆଫଗାନିସ୍ତାନରେ ମିଶନରେ ୨.୨ ବିଲିୟନ ଡ଼ଲାର ବା ୬୧ ଟ୍ରିଲିୟନ ଡଲାର ଖର୍ଚ୍ଚ ହୋଇଥିଲା । ତାହାଠାରୁ ମଧ ଅଧିକ ଖର୍ଚ୍ଚ କରିଛନ୍ତି । ଏହା ବିଶ୍ୱର ଅନେକ ଦେଶର ବାର୍ଷିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ଠାରୁ ଅଧିକ । ଆମେରିକା-ଆଫଗାନିସ୍ତାନ ଯୁଦ୍ଧ ଇତିହାସର ସବୁଠାରୁ ମହଙ୍ଗା ଯୁଦ୍ଧ ମଧ୍ୟରୁ ଗୋଟିଏ ଟିପ୍ପଣୀ ଏହା ସୂଚିତ କରେ । ଏହି ଯୁଦ୍ଧ ହେଉଛି ବିଶ୍ୱ ଅର୍ଥନୈତିକ ଅବନତିର କାରଣ । ସମୟ ଆସିଛି ଯେଉଁଥିରେ ସବୁଠାରୁ ଅଧିକ ପ୍ରଭାବିତ ଦେଶ ହେଉଛି ଆମେରିକା । ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ଇରାକ ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ବାହ୍ୟ ରୂପରେ ଦେଖାଯାଏ, ଏହା କେବଳ ଏକ ଅର୍ଥ ଅପଚୟ । ଆଫଗାନିସ୍ତାନରେ ଏହି ଯୁଦ୍ଧର ଆମେରିକାର ରାଜନୈତିକ ଲାଭ ବହୁତ କମ୍ ଥିଲା । ଉଲ୍ଲେଖଥାଉ କି, ଯେଉଁଠାରେ ଆମେରିକା ଇରାକ ଯୁଦ୍ଧରୁ ଆସିଛି । ଅଶୋଧିତ ତେଲର ଲାଭ ପାଇଲାବେଳେ ଆଫଗାନିସ୍ତାନରେ ଏହିପରି କିଛି ହାସଲ କରାଯାଇନଥିଲା, ଯାହା ଆଫଗାନିସ୍ତାନକୁ ପ୍ରଭାବିତ କରିପାରିଲା ନାହିଁ । ଏହି ଯୁଦ୍ଧରେ ବହୁ ଅର୍ଥନୈତିକ କ୍ଷତି କେବଳ ହୋଇଥିଲା । ୨୦୨୧ରେ ଯୁଦ୍ଧ ଆରମ୍ଭରୁ ଆମେରିକାର ଅର୍ଥନୀତିର ହାରାହାରି ଅଭିବୃଦ୍ଧି ହାର ଦୁଇ ପ୍ରତିଶତରୁ କମ୍ ହୋଇଛି । ଏହି ବର୍ଷ ଗୁଡିକ ମଧ୍ୟରୁ ୨୦୦୮, ବର୍ଷ ୨୦୦୯ଏବଂ ୨୦୨୦ । ଅବଶ୍ୟ କୋଭିଡ-୧୯ ମହାମାରୀ ହେତୁ ଆମେରିକାର ଅର୍ଥନୀତି ସାଢେ ତିନି ପ୍ରତିଶତ ନକାରାତ୍ମକ ଥିଲା, ଯାହା ଗତ ଶତାବ୍ଦୀର ତୃତୀୟ ଅଟେ ।

ଏକ ଦଶନ୍ଧି ଧରି ଅର୍ଥନୈତିକ ଅବନତି ପରେ ଏହା ସର୍ବାଧିକ କ୍ଷତି । ଏହି ଅର୍ଥନୈତିକ ସଙ୍କଟ ସତ୍ତ୍ୱେ ଆମେରିକାର ପ୍ରତିରକ୍ଷା ବଜେଟରେ କୌଣସି କଟକଣା ନାହିଁ । ଏହାର କାରଣ ହେଉଛି ଆମେରିକୀୟ ସାମ୍ରାଜ୍ୟବାଦ ଦୁନିଆରେ କୌଣସି ଚ୍ୟାଲେଞ୍ଜ ଖୋଜି ପାଇଲା ନାହିଁ । ଚୀନର ଆର୍ଥିକ ବୃଦ୍ଧି ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ଭାବରେ ଚୀନ୍‌ର ଉତ୍ଥାନ ଏବଂ ପରବର୍ତ୍ତୀ ଦଶନ୍ଧିରେ ବିଶ୍ୱକୁ ଆମେରିକାର ପଛରେ ପକାଇ ଦେଇଛି । ବୃହତ୍ତମ ଅର୍ଥନୀତି ଭାବରେ ଉଭା ହେବାକୁ ଥିବା ସମସ୍ତ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ରୁଷ ସହିତ ଚୀନ୍ ମଧ ଅନେକ ଆନ୍ତର୍ଜାତୀୟ ପ୍ରସଙ୍ଗରେ ଆମେରିକାକୁ ଚ୍ୟାଲେଞ୍ଜ କରିପାରିବ । ଚୀନ୍ ନିଜର ଉଚ୍ଚାଭିଳାଷୀ ବେଲ୍ଟ ଏବଂ ରୋଡ୍ ପ୍ରକଳ୍ପ ମାଧ୍ୟମରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିସାରିଛି । ସେଠାରେ ନୂତନ ସହଯୋଗୀ ଗଠନ ପାଇଁ ଚୀନ୍ ମଧ ଆଫ୍ରିକାରେ ବିପୁଳ ପରିମାଣର ଅର୍ଥ ବିନିଯୋଗ କରୁଛି । ରୁଷ ଏବଂ ଇରାନ ସେହି ପରି ଦେଶଗୁଡିକ, ଯାହାର ଉଭୟ ସାମରିକ ଏବଂ ଅର୍ଥନୈତିକ ବିକାଶରେ ଯଥେଷ୍ଟ ସମ୍ଭାବନା ରହିଛି । ସେମାନେ ବର୍ଷ ବର୍ଷ ଧରି ଚୀନ୍ ସହିତ ଜଡିତ ଅଛନ୍ତି, ଏବଂ ପଶ୍ଚିମ ଏସିଆ, ଆଫ୍ରିକା ଏବଂ ପୂର୍ବ ୟୁରୋପରେ ନିଜର ସ୍ଥିତିକୁ ମଜବୁତ କରିଛି । ଆମେରିକା ଏବଂ ଏହାର ସହଯୋଗୀମାନଙ୍କ ପାଇଁ ଚ୍ୟାଲେଞ୍ଜରେ ଆଜି ଚୀନ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆମେରିକାକୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଛି । ଗତ କିଛି ଦଶନ୍ଧି ମଧରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ବିପୁଳ ନିବେଶ ହେତୁ ଆଜି ମହାକାଶରେ ଚୀନ୍‌ର ଉପସ୍ଥିତି ଦର୍ଶାଇ ଦେଉଛି । ରୁଷ ସହିତ ସହଯୋଗ ଚୀନ୍‌କୁ ସାମରିକ ପ୍ରଯୁକ୍ତି ବିଦ୍ୟାରେ ମଧ ଆମେରିକାର ପ୍ରଭାବକୁ ସହଜରେ ନିରପେକ୍ଷ କରିବାର କ୍ଷମତା ଦେଇଥାଏ । ଏହା ସ୍ପଷ୍ଟ ଯେ ଆମେରିକାର ଏକ ବୃହତ ସାମରିକ ବଜେଟ୍ ହିଁ ସାରା ବିଶ୍ୱରେ ଅନେକ ଯୁଦ୍ଧରେ ଜଡିତ ରହେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ମୋ ରାଇଜ କେଡ଼େ ସୁନ୍ଦର

**ଅମରନାଥ ବାରିକ୍**



ଓଡିଶା ମାଟିରେ ଜନମ ମୋର
ମଧୁର କୋମଳ ମୋ ଭାଷା ସ୍ୱର ।
ମୁଁ ଓଡ଼ିଆ ମୋର ଭାଷା ବଢ଼ିଆ
ସୈନିକ ଆମର ଅଟେ ଲଢୁଆ ।
ଛଉ ଗୋଟିପୁଅ ଓଡ଼ିଶୀ ନୃତ୍ୟ
ଦେଶ ବିଦେଶରେ ହୁଏ ଚର୍ଚ୍ଚିତ ।
ପାହାଡ ଝରଣା କେଡ଼େ ସୁନ୍ଦର
କାରୁକାର୍ଯ୍ୟ ଭରା ଆମ ମନ୍ଦିର ।
ଯାଜପୁର ଜିଲ୍ଲା ବିରଜା କ୍ଷେତ୍ର
ଦେଖିଲେ ପବିତ୍ର ହୁଅଇ ନେତ୍ର ।
କାବ୍ୟ କବିତାର ସ୍ୱୀକୃତି ଗାର
ଦେଲେ ଅଭିମନ୍ୟୁ ସାମନ୍ତ ସିଂହାର ।
ବୈତରଣୀ ନଦୀ ଭଳି ଅନେକ
ବୋହି ଯାଇଅଛି ସ୍ରୋତରେ ବାଙ୍କ ।
ପାଲା ଘୋଡ଼ାନାଚ ଦାସକାଠିଆ
ଆମ ପରମ୍ପରା ଆଗରେ ଠିଆ ।
ଓଡ଼ିଆଙ୍କ ପ୍ରାଣ ପଖାଳ କଂସା
ହୋଇଥାଏ ଘରେ ଘରେ ପରସା ।
ବାର ମାସେ ତେର ପରବ ଯାତ
ଆରିଶା କାକରା ମଣ୍ଡା ଯାବତ ।
ଭିତର କନିକା କୁମ୍ଭୀର ଚାଷ
ଗହୀରମଥାରେ କଇଁଛ ବାସ ।
ନନ୍ଦନକାନନ ପ୍ରାଣୀ ପ୍ରାଚୁର୍ଯ୍ୟ
ଭାରତେ ଅନନ୍ୟ ରାଜ୍ୟ ଐଶ୍ୱର୍ଯ୍ୟ ।
ଖଣ୍ଡଗିରି ଲିଙ୍ଗରାଜ ଚିଲିକା
ବାଙ୍କୀ ଅଧୀଶ୍ୱରୀ ମାଆ ଚର୍ଚ୍ଚିକା ।
କେ ହୋଇବ ମୋର ରାଇଜ ସମ
କୋଣାର୍କର ଶିଳା ଶିଳ୍ପୀଙ୍କ ଦମ ।
ଚନ୍ଦକା ଅରଣ୍ୟ ଧଉଳି କୀର୍ତ୍ତି
ନୀଳାଚଳ ଧାମେ ଚତୁର୍ଦ୍ଧା ମୂର୍ତ୍ତି ।
ଯା' ଚରଣ ଧୁଏ ନୀଳ ସାଗର
ମହେନ୍ଦ୍ର ଗିରି ଯା ଉନ୍ନତ ଶିର ।
ଏହି ପୁଣ୍ୟ ତୀର୍ଥେ ଲଭିଲି ଜନ୍ମ
ଗର୍ବିତ ଓଡ଼ିଆ ମୋ ପୁଣ୍ୟ କର୍ମ ।


+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫


### ଶୂନ୍ୟପଥ

**ରାମଚନ୍ଦ୍ର ଦାଶ**



ପାପୁଲିଏ ପାଣିରେ
ଚବଚବ ସଂସାରକୁ
କୋଉ ଛାଡ଼ି ପାରୁଛି
ଅଜଣା ମୋହ
ଅଧାପନ୍ତରିଆ ଜୀବନ ॥

ସେମାନେ କୋଉ
ଛାଡୁଛନ୍ତି ବାଟ
ଥରେ ଅଧେ ବୁଲି ଆସିବାକୁ
ନିର୍ମଳ ଜଗତ କି
ଘୋର ଅରଣ୍ୟ ॥

ଯେତେ ଡାକିଲେ ବନସ୍ତ
ସୁରୁସୁରୁ ଦକ୍ଷିଣା ପବନ
ଖୋଲା ମେଲା ଆକାଶ
ଅନ୍ଧାର ଘୁଂଚି ଦିଶିଲେ ଆକାଶ
କୋଉ ଫିଟି ପଡୁଛି ବାଟ ॥

ଖରା ସହୁଥିବା ମୁଣ୍ଡିଆ ପର୍ବତ
ଖରା ହୁରୁଡ଼ୋଉଥିବା
ରାସ୍ତାକଡ଼ ବରଗଛ
ସେମାନଙ୍କୁ ବୁଝୁବୁଝୁ
ବିତି ଯାଉଥିଲା ବୟସ ॥

କାହାକୁ ବା ଅପେକ୍ଷା
କୋଉ ବାଇଚଢ଼େଇର ଡେଣାନେଇ
ଉଡ଼ନ୍ତା ମେଘର
ଭସା ପାଲିଙ୍କିରେ ବସି
ଯିବାର ବେଳ ଏ ନୁହେଁ ॥

ମେଘୁଆ ଆଖି କି
ନିଦୁଆ ଆଖିପତା
ସଂଜୁଆ ତାରାର ଆଖିମିଟିକା କି
କାଳିଜହ୍ନିଆ ଆକାଶରୁ
ନିଗିଡ଼ି ଆସୁଥିବା
ଛାଇଛାଇଆ ଆଲୁଅ

କେହି ଆଉ ଅଟକେଇ ପାରିବେନି
ଉଚ୍ଛୁଳି ଉଠିଲେ ମନ
ଶ୍ୟାମଳ ଦିଶିଲେ ଉପବନ
ଉଇଁ ଆସିଲେ
ଚେତାରୁ ଚୈତନ୍ୟ ॥

ଏବେ ତ ହଜି ଯାଉଥିବା
ଲୁହର ଇତିହାସ ପୃଷ୍ଠାରୁ
ସାଉଁଟି ଆଣିବାକୁ ହବ ହସ
ସାରା ସୃଷ୍ଟିରୁ ମହକ

ଭଲପାଇବାର ରଙ୍ଗ ପୃଥିବୀରୁ
ଦହନର ଜଉଘରୁ ବି
ଅନ୍ୟାୟାସେ ମୁକୁଳିବାର
ସେ ନିରାପଦ ଅଭ୍ୟନ୍ତର
ବାହାରି ଯିବାକୁ ଶୂନ୍ୟପଥ ॥

ଯୋଉଁଠି ଆଉ କୁଆଡ଼କୁ
ଯାଇ ନ ଥିବ ଶେଷପାହାଚ
ଯୋଉଁଠି ହିଁ ଚାଲିଥିବ
ଦେହ ଓ ଅଦେହ ମାନଙ୍କ
ମିଳନର ଅପୂର୍ବ ରାହାସ ॥


+ ସା/ପୋ:- ଦଶରଥପୁର
ଜି:- ଯାଜପୁର
(ମୋ)୯୪୩୮୦୬୨୩୮୦


### ସ୍ମୃତି-ଅନୁଭୂତି

**ଅନସୂୟା ପଣ୍ଡା**



ଏକାନ୍ତରେ ଖୁବ ଭଲ ଲାଗେ
ଭାବିବାକୁ ପିଲା ବେଳ
ଅତିକ୍ରାନ୍ତ ଦୀର୍ଘ ରାସ୍ତା
କ୍ଲାନ୍ତ ଅପରାହ୍ନରେ
ବସନ୍ତ ଫଗୁଣ ସବୁ ଅପସ୍ମୃତି ଆମ ପାଇଁ
ସ୍ମୃତି ସବୁ ଅସ୍ପଷ୍ଟ ହେଲାଣି,
ଆମବେଳ ଚିଠି ଆଉ ଆଖିକି ଦିଶେନି ।
ଅଣ୍ଟାରେ ଆଣ୍ଠୁରେ କଷ୍ଟ, ବସିଲେ ଉଠୁନି
ପିଲାଙ୍କ ଚିନ୍ତାରେ ଏଠି ଜୀବନ ଅତିଷ୍ଠ
କାମ ନଥାଇ ବି ସମୟ ନାହିଁ,
କହିବାର ଅଭ୍ୟାସ ଖୁବ୍ ବଢିଗଲାଣି ।
କେବଳ ଏଇଥି ପାଇଁ ମର୍ମପୀଡା
କେବେ ତାଳ ମେଳ ରହେନି ସମୟର
କେତେ କେତେ ମନସ୍ତାପ,
ନୋକ୍ ଝୋକ୍
କେବେ ପିଲାଙ୍କ ବିରକ୍ତି
ଓ ସମାଲୋଚନା।
ସମ୍ପର୍କର ମଧୁରତା ଅନେକ
ଦୂରେଇ ଗଲାଣି
କେବଳ ମିଛ ବାହାନାରେ
କାମର ଦ୍ୱାହି ଦେଇ,
ପେଣ୍ଡୁ ଭଳି ଗଡି ଗଡି।
ମୁହଁରେ ବୟସର ପ୍ରଲେପ,
ଆଖିରେ ଚଷମା ଲାଗିଲାଣି
ଧଳା ଚୁଟିରେ ରଙ୍ଗ ମାଗିଲାଣି,
ବାସ୍ତବତାକୁ ଏଡାଇବା ପାଇଁ
ସମୟର ଫାଙ୍କ ଦେଇ ବହିଯାଇଥିବା
ଅନୁଭୂତିକୁ ଗୋଟୋଉଛି ସଯତ୍ନେ
ନିଜ ଚେତନାର ଅଗଣାକୁ।
ସଂସାର ପଥର ତଳେ ସିଝୁ ଥିବା
କେରି କେରି ନିର୍ଜନତାକୁ
କୋଳାହଳ କରିବା ପାଇଁ
କାଳେ ଭେଟ ହେବ ନିଖୋଜ
ହେଇଥିବା ଅତୀତଟା
ପୁଣି ଗୋଟେ ଆତ୍ମୀୟତାର ଘାଟରେ।
ବୈଶ୍ୱିକ ମହାମାରୀରେ ଛଟପଟ,
ଆଜି ସବୁ ଶ୍ୱାସରୁଦ୍ଧ
ହଜିଯାଉଛି ମାନବିକତା,
ସାମାଜିକ ମୂଲ୍ୟବୋଧ
ନ ହେଉ କିଛି ଆପଦ,
ନୀଳାଚଳେ ଯେବେ ସତ୍ୟ ଜଗନ୍ନାଥ।


+ ଇଞ୍ଜିନିୟରିଂ କଲେଜ, ବୁର୍ଲା,
କଲୋନୀ,ସମ୍ବଲପୁର
(ମୋ) ୯୪୩୯୨୧୧୯୭୧

# ଜହ୍ନରେ ପାଦ ଥାପିଥିବା ପ୍ରଥମ ମଣିଷ



ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

ଚନ୍ଦ୍ରରେ ପାଦ ଥାପିବାରେ ନିଲ ଆର୍ମଷ୍ଟ୍ରଙ୍ଗ ଥିଲେ ପୃଥିବୀର ପ୍ରଥମ ମାନବ। ସେଦିନ ଥିଲା ଏକ ସ୍ୱପ୍ନର ମୁହୂର୍ତ୍ତ ତଥା ଅନେକ ସ୍ୱପ୍ନକୁ ହାତମୁଠାରେ ଧରି ରଖିବାର ମୁହୂର୍ତ୍ତ। ସେଦିନ ଜହ୍ନରେ ପାଦ ଥାପିଥିଲା ମଣିଷ। ଜହ୍ନକୁ ନେଇ ଦେଖୁଥିବା କେତେ ପରୀ ରାଇଜର କାହାଣୀ ସେଦିନ ମିଛ ପ୍ରମାଣିତ ହୋଇଥିଲା। ଜହ୍ନକୁ ହାତ ମୁଠାରେ ପାଇବାର ଅଭିପ୍ସା ମଧ୍ୟ ସେଦିନ ପୂରଣ ହୋଇଥିଲା। ୨୦ ଜୁଲାଇ, ୧୯୬୯ ଦିନ ବଜ ଆଲଡ୍ରିନଙ୍କ ସହିତ ନିଲ ଆର୍ମଷ୍ଟ୍ରଙ୍ଗ ଆପୋଲୋ-୧୧ରେ ଚନ୍ଦ୍ରରେ ପଦାର୍ପଣ କରିଥିଲେ। ନାସା ପକ୍ଷରୁ ପ୍ରେରଣ କରାଯାଇଥିବା ଆପୋଲୋ-୧୧ ମଣିଷକୁ ନେଇ ଏହି ଦିନ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥିଲା। ଭୂପୃଷ୍ଠକୁ ଛାଡ଼ିବାର ଅଢ଼େଇ ଘଣ୍ଟା ପରେ କୃତ୍ରିମ ଉପଗ୍ରହଟି ମହାଶୂନ୍ୟରେ ପହଞ୍ଚିଥିଲା ଏବଂ ନିଜର କକ୍ଷ ପଥରେ ଘୂରିବୁଲିଲା । ସେଠାରୁ ଚନ୍ଦ୍ରଯାନ 'ଇଗଲ୍' ବିଚ୍ଛିନ୍ନ ହୋଇ ଚନ୍ଦ୍ର କକ୍ଷପଥରେ ପହଞ୍ଚିଲା। ସେଥିରେ ଥିଲେ ଆର୍ମଷ୍ଟ୍ରଙ୍ଗ୍ ଓ ଆଲ୍‌ଡ୍ରିନ୍ । ଚନ୍ଦ୍ରଯାନଟି ପ୍ରାୟ ରାତି ୨ଟାରେ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇଲା । ମହାକାଶଚାରୀମାନେ ଆମେରିକାର କେପ୍ କେନେଡ଼ି ମହାକାଶ ଗବେଷଣା କେନ୍ଦ୍ରର କର୍ମଚାରୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ସେମାନେ ଚନ୍ଦ୍ରଯାନରେ ପ୍ରାୟ ୬ ଘଣ୍ଟା କାଳ ବିଶ୍ରାମ ନେଇଥିଲେ । ୧୯୬୯ ମସିହା ଜୁଲାଇ ୨୧ ତାରିଖ ସକାଳ ୮ଟା ରେ ଆର୍ମଷ୍ଟ୍ରଙ୍ଗ୍ ପ୍ରଥମେ ଗୋଟିଏ ସିଡ଼ିରେ ଚନ୍ଦ୍ରଯାନରୁ ଓହ୍ଲାଇଲେ । ଆପୋଲୋ-୧୧ର ଉଦ୍ଦେଶ୍ୟ ଥିଲା ଆର୍ମଷ୍ଟ୍ରଙ୍ଗ, ବଜ ଆଲଡ୍ରିନ୍ ଏବଂ ମାଇକେଲ କଲିନ୍ସଙ୍କୁ ସୁରକ୍ଷିତ ଭାବରେ ଚନ୍ଦ୍ରରେ ଅବତରଣ କରାଇବା ସଙ୍ଗେ ସଙ୍ଗେ ପୁଣି ପୃଥିବୀକୁ ଫେରାଇ ଆଣିବା। ଏହି ମିଶନର ନାମ ଥିଲା "ଦି ଇଗଲ"। ସେଦିନ ସକାଳ ୮ଟା ୩୨ରେ ପାଇଲଟଙ୍କ ସମେତ ତିନି ଜଣ ମହାକାଶ ଅଭିମୁଖେ ଯାତ୍ରା କରିଥିଲେ। ଛଅ ଘଣ୍ଟା ୩୧ ମିନିଟ୍ ମହାକାଶ ଯାନରେ ଯାତ୍ରା କରିବା ପରେ ଚନ୍ଦ୍ରରେ ପହଞ୍ଚିଥିଲେ ଏହି ତିନି ଜଣ ମହାକାଶ ଯାତ୍ରୀ। ଚନ୍ଦ୍ର ଦେଶରେ ନିଜର ବାମ ପାଦଟି ରଖି ଅପୂର୍ବ ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଥିଲେ ନିଲ୍ ଆର୍ମଷ୍ଟ୍ରଙ୍ଗ । ଜହ୍ନ ରାଇଜରେ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ଖୁବ୍ ଧୀର ଭାବରେ ଚାଲିଲେ। କାରଣ ମାଧ୍ୟାକର୍ଷଣ ଶକ୍ତିଠାରୁ ଚନ୍ଦ୍ରର ଶକ୍ତି ମାତ୍ର ଛଅଭାଗରୁ ଏକଭାଗ । ଜହ୍ନଭୂଇଁରେ ସେ ଚାଲି ଓ ତାର ଦୃଶ୍ୟମାନ ଦେଖି ଆନନ୍ଦିତ ହେଲେ । ସେ ଯଥାର୍ଥରେ କହିଥିଲେ - 'ଗୋଟିଏ ମଣିଷ ପାଇଁ ଏହା ଏକ ଛୋଟ ପାହୁଣ୍ଡ । ମାତ୍ର ମଣିଷ ଜାତି ପାଇଁ ଏହା ଏକ ମସ୍ତବଡ଼ ଲମ୍ଫ ପ୍ରଦାନ' । ଏହି ମହାକାଶ ଯାତ୍ରାରେ ତାଙ୍କୁ ଅନେକ ନମୁନା ମିଳିଥିଲା। ସେ ନିଜର ସମଗ୍ର ଜୀବନ କାଳରେ ମୋଟ ୮ଦିନ, ୧୪ ଘଣ୍ଟା, ୧୨ମିନିଟ, ୩୧ ସେକେଣ୍ଡ ମହାକାଶରେ ଅତିବାହିତ କରିଥିଲେ। ସେହି ନୁମୁନା ବଳରେ ଆମେ ଏବେ ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ଦୂରତା ଓ ଚନ୍ଦ୍ରର ଭୌଗଳିକସ୍ଥିତି ବିଷୟରେ ଜାଣି ପାରୁଛେ। ଚନ୍ଦ୍ରରେ ପାଦଦେବାରେ ବିଶ୍ୱର ପ୍ରଥମ ଦେଶ ଥିଲା ଆମେରିକା ଯାହା ସମଗ୍ର ବିଶ୍ୱ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା।




ନିଲ ଆର୍ମଷ୍ଟ୍ରଙ୍ଗ ୫ ଅଗଷ୍ଟ ୧୯୩୦ ରେ ଆମେରିକାର ଏକ ଛୋଟ ସହରରେ ଜନ୍ମ ଗ୍ରହଣ କରିଥିଲେ। ମହାକାଶଚାରୀ ହେବା ପୂର୍ବରୁ ସେ ଆମେରିକୀର ସୈନ୍ୟ ବାହିନୀରେ କୋରିଆ ଯୁଦ୍ଧ ବିପକ୍ଷରେ ୧୯୫୦ ଓ ୧୯୫୩ରେ ଲଢିଥିଲେ। ଯୁଦ୍ଧ ଶେଷହେବା ପରେ ସେ ଏରୋନଟିକ୍ସରେ ହାଇସ୍ପଡ୍ ଫ୍ଲାଇଟ୍ ଷ୍ଟେସନରେ ଜଣେ ପାଇଲଟ ଭାବେ ନିଯୁକ୍ତ ହେଲେ ଓ ପରେ ସେ ମହାକାଶଚାରୀ ହେବାକୁ ମନ ବଳେଇଥିଲେ। ୧୯୫୮ ମସିହାରେ ଆମେରିକା ବୟୁସେନାର ମ୍ୟାନ୍ ଇନ୍ ସ୍ପେଶ ସୁନେଷ୍ଟ ପ୍ରୋଗ୍ରାମ ପାଇଁ ମନୋନୀତ ହେଇଥିଲେ। ୧୯୬୦ରେ ସେ ସାମରିକ ମହାକାଶ ବିମାନ ବୋଇଂ ଏକ୍ସ-୨୦ ଡାଏନା-ସୋର୍ଟ ପାଇଲଟ ନିଯୁକ୍ତ ହେଲେ। ୧୯୬୨ ରେ ମହାକାଶ ବିମାନ ଉଡାଣ ପାଇଁ ମନୋନୀତ ୬ ଜଣ ପାଇଲଟ-ଇଞ୍ଜିନିୟର ମଧ୍ୟରେ ସେ ସ୍ଥାନ ପାଇଥିଲେ। ସେ ସମୟରେ ନାସା ପକ୍ଷରୁ ମହାକାଶଚାରୀ ଚୟନ ପାଇଁ ପ୍ରାର୍ଥୀପତ୍ର ଗ୍ରହଣ କରାଯାଇଥିଲା। ଏଥିପାଇ ସେ ଆବେଦନ ପତ୍ର ପଠେଇଥିଲେ।ଦ୍ୱିତୀୟ ପର୍ଯ୍ୟାୟ ମନୋନୟନ ବେଳେ ତାଙ୍କୁ ମନୋନୀତ କରାଯାଇଥିଲା। ୧୯୬୭ ଜାନୁଆରୀ ୨୭ରେ ଆପୋଲୋ-୧ ମହାକାଶଯାନ କାର୍ଯ୍ୟକ୍ରମରେ ସେ ସାମିଲ ହେଇଥିଲେ। ଆପୋଲୋ-୧୧ ମହାକାଶଯାନ ଆର୍ମଷ୍ଟ୍ରଙ୍ଗଙ୍କ ସହ ତାଙ୍କର ଆଉ ଦୁଇଜଣ ସାଥୀ ବଜ ଆଲଡ୍ରିନ ଓ ମାଇକେଲ କୋଲିନଙ୍କୁ ନେଇ ଚନ୍ଦ୍ର ଅଭିମୂଖେ ଯାତ୍ରାକରିଥିଲା। ଏହି ମହାକାଶଯାନ ଚାରିଦିନ ମଧ୍ୟରେ ୪୦ଲକ୍ଷ କି.ମି ଯାତ୍ରାକରିଥିଲା। ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନ ୧୯୬୯ ଜୁଲାଇ ୨୦ରେ ଚନ୍ଦ୍ର ପୃଷ୍ଠରେ ପାଦ ଦେଇଥିଲେ। ସେଠାରେ ଆର୍ମଷ୍ଟ୍ରଙ୍ଗ ୨ ମିନିଟ ୩୨ ସେକେଣ୍ଡ ରହିଥିଲେ ଓ ସେହି ସମୟ ମଧ୍ୟରେ ଚନ୍ଦ୍ରପୃଷ୍ଠରେ ଆମେରିକୀୟ ଜାତୀୟ ପତକା ସ୍ଥାପନ କରିବା ସହିତ କିଛି ପଥର ସଂଗ୍ରହ କରିଥିଲେ। ସେଠି ପୃଥିବୀର ପ୍ରଥମ ମାନବ ଭାବେ ନିଲ ଆର୍ମଷ୍ଟ୍ରଙ୍ଗ ପାଦ ଦେଇଥିଲେ ଜହ୍ନରେ। ଫଟୋରେ ଅଛି ଜହ୍ନ ଉପରେ ମାନବର ପ୍ରଥମ ପାଦ ଚିହ୍ନ ଆଉ ସେହି ପାଦ ଥିଲା ନିଲ ଆର୍ମଷ୍ଟ୍ରଙ୍ଗଙ୍କର । ପରେ ପରେ ଆର୍ମଷ୍ଟ୍ରଙ୍ଗଙ୍କ ସହ ଏଡୱିନ ଆଲଡ୍ରିନ ଓ ମାଇକେଲ କଲିନ୍ସ ଆପୋଲୋ ୧୧ ମିଶନରେ ଜହ୍ନରେ ଅବତରଣ କରିଥିଲେ। ମହାକାଶ କ୍ଷେତ୍ରରେ ଏହା ଥିଲା ମାନବର ଉଲ୍ଲେଖନୀୟ ସଫଳତା। ୧୯୬୯ ଜୁଲାଇ ୨୪ରେ ହାୱାଇର ପଶ୍ଚିମରେ ପ୍ରସାନ୍ତ ମହାସାଗରରେ ଥିବା ଆମେରିକାର ଯୁଦ୍ଧ ଜାହାଜରେ ଆପୋଲୋ-୧୧ ଅବତରଣ କରିଥିଲା। ନିଲ ଆର୍ମଷ୍ଟ୍ରଙ୍ଗଙ୍କୁ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ, ପ୍ରେସିଡେନସିଆଲ ମେଡଲ୍ ଅଫ ଫ୍ରିଡମ ପୁରସ୍କାର ପ୍ରଦାନ କରିଥିଲେ ଓ କଂଗ୍ରେସନାଲ ସ୍ପେଶ ମେଡାଲ ଅଫ ଅନର ଏବଂ କଂଗ୍ରେସନାଲ ଗୋଲ୍ଡ ମେଡାଲ୍ ଭଳି ପୁରସ୍କାର ମଧ୍ୟ ପରେ ପରେ ତାଙ୍କୁ ମିଳିଥିଲା। ତାଙ୍କର ମୃତ୍ୟୁ ରହସ୍ୟ ଥିଲେ ମଧ୍ୟ ୨୫ ଅଗଷ୍ଟ, ୨୦୧୨ ଆମେରିକା ଓ ତାଙ୍କ ପରିବାର ଲୋକ ଘୋଷଣା କରିଥିଲେ ।

# ରୁକ୍ଷ ଉପତ୍ୟକାର ସୌନ୍ଦର୍ଯ୍ୟ ପ୍ୟାଂଗଂ ହ୍ରଦ


ଧୂସର-ବାଦାମି ପାହାଡ଼ରେ ଘେରା ଗୋଟିଏ ଅଞ୍ଚଳ । ଚାରିଆଡ଼େ ରୁକ୍ଷତାର ଛାପ ସ୍ପଷ୍ଟ । ତାହାରି ମଧ୍ୟରେ ଟୁକୁରାଏ ପ୍ରାଣର ସ୍ପନ୍ଦନ । ପ୍ୟାଂଗଂ ହ୍ରଦ , ଯାହାର ଅମୋଘ ଆକର୍ଷଣରେ ପ୍ରତି ବର୍ଷ ଲଦାଖ ଅଭିମୁଖେ ବାହାରି ପଡ଼ନ୍ତି ହଜାର ହଜାର ମଣିଷ । ସଂପ୍ରତି ଭାରତ-ଚୀନ ସଂଘର୍ଷ କାରଣରୁ ପୁଣି ଥରେ ଚର୍ଚ୍ଚାର ଘେରକୁ ଆସିଛି ଏଇ ହ୍ରଦ । ଏହି ହ୍ରଦ ସଂପର୍କରେ ଆସନ୍ତୁ ଜାଣିବା କେତୋଟି କଥା । ପୂର୍ବ ଲଦାଖରେ ପ୍ରାୟ ୧୪ ହଜାର ଫୁଟ୍ ଉଚ୍ଚତାରେ ଅବସ୍ଥିତ ପ୍ୟାଂଗଂ ହ୍ରଦ ପୃଥିବୀର ଉଚ୍ଚତମ ଲବଣାକ୍ତ ହ୍ରଦ । କଙ୍କଡ଼ା ବ୍ୟତୀତ ମାଛ ବା ଅନ୍ୟ ଜଳଜ ଜୀବ ଏହି ହ୍ରଦରେ ବାସ କରନ୍ତି ନାହିଁ । ତେବେ ବର୍ଷସାରା ହଂସ, ସାରସ ଜାତୀୟ ପକ୍ଷୀ ଏହି ହ୍ରଦରେ ଦେଖିବାକୁ ମିଳନ୍ତି । ପ୍ୟାଂଗଂ ଲେକ୍‌ର ପାଣି ଲବଣାକ୍ତ ହେଲେ ମଧ୍ୟ ପ୍ରଚଣ୍ଡ ଶୀତରେ ପୂରା ହ୍ରଦ ଶୁଖି ଜମାଟ ବାନ୍ଧିଯାଏ । ସେତେବେଳେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକମାନଙ୍କୁ ନେଇ ଏହି ହ୍ରଦ ଉପରେ ଆଇସ୍ ସ୍କେଟିଂ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ବିଳାସବହୁଳ ହୋଟେଲ୍ ନଥିଲେ ହ୍ରଦ ଧାରରେ ତମ୍ବୁ ଲଗାଇ ରହିବା ପାଇଁ ପର୍ଯ୍ୟଟକମାନେ ପସନ୍ଦ କରନ୍ତି । ତେବେ ୧୩୮ କିମି ଲମ୍ବା ଏବଂ ୫ କିମି ଚଉଡ଼ା ଏହି ହ୍ରଦ ଉପର ଦେଇ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଯାଇଛି । ଏହି ହ୍ରଦର ଏକ ତୃତୀୟାଂଶ ଭାରତର ଭୂଭାଗ ମଧ୍ୟରେ ପଡ଼ିଥାଏ । ପ୍ରକୃତ ନିୟନ୍ତ୍ରଣ ରେଖାରୁ ପୂର୍ବର ୨୦ କିମି ଚିନ ନିୟନ୍ତ୍ରଣରେ ରହିଛି । ହ୍ରଦର ପୂର୍ବ ପ୍ରାନ୍ତଟି ରହିଛି ତିବ୍ବତରେ । ଏହି ହ୍ରଦ ପାଖରେ ହିଁ ଅନେକ ଥର ଭାରତୀୟ ଏବଂ ଚୀନ ସେନା ମୁହାଁମୁହିଁ ହୋଇଛନ୍ତି । ତେବେ ଯେଉଁ ପ୍ୟାଂଗଂ ନେଇ ଭାରତ-ଚୀନ ମଧ୍ୟରେ ଅଶାନ୍ତି ତାକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ବାରମ୍ବାର ଛୁଟି ଯାଆନ୍ତି । ୨୦୧୪ ମସିହା ପର୍ଯ୍ୟନ୍ତ ପ୍ୟାଂଗଂ ହ୍ରଦ ପର୍ଯ୍ୟନ୍ତ ଯିବା ପାଇଁ ଇନର୍ ଲାଇନ୍ ପରମିଟ୍ ଯୋଗାଡ଼ କରିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଭାରତୀୟ ନାଗରିକମାନଙ୍କ ପାଇଁ ସେଠାକୁ ଯିବା କ୍ଷେତ୍ରରେ କୌଣସି ବିଶେଷ ଅନୁମତି ପତ୍ର ଦରକାର ପଡୁନାହିଁ । ପ୍ୟାଂଗଂର ଆକର୍ଷଣରେ ଭ୍ରମଣପିପାସୁ ଲୋକମାନେ ସବୁବେଳେ ଲଦାଖ ପ୍ରତି ଆକୃଷ୍ଟ ଥିଲେ । ତେବେ ବଲିଉଡ ସୌଜନ୍ୟରୁ ପ୍ୟାଂଗଂର ଲୋକପ୍ରିୟତା ଆହୁରି ବଢ଼ି ଯାଇଛି । ୧୯୯୮ ମସିହାରେ 'ଦିଲ ସେ' ଫିଲ୍ମର 'ସତରଙ୍ଗୀ ରେ' ଗୀତଟିର ବେଶ୍ କିଛି ଦୃଶ୍ୟ ପ୍ୟାଂଗଂ ଲେକ୍ ତୀରରେ ହୋଇଥିଲା । 'ଥ୍ରୀ ଇଡିୟଟ୍‌ସ' ଫିଲ୍ମରେ ମଧ୍ୟ ସାମ୍ନାକୁ ଆସିଥିଲା ପ୍ୟାଂଗଂର ନୀଳ ଜଳରାଶି ।



# ରୁଟ୍‌କାନାଲ୍ ବା ଦାନ୍ତମଞ୍ଜୀର ଚିକିତ୍ସା

ଦାନ୍ତକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦେବାରେ ଏନାମେଲ୍‌ର ଭୂମିକା ମୁଖ୍ୟ । ଏନାମେଲ୍ ତଳ ଦ୍ୱିତୀୟ ସ୍ତରକୁ ଡେଣ୍ଟିନ୍ କୁହାଯାଏ । ଏହି ସ୍ତରରେ ସୂକ୍ଷ୍ମାତିସୂକ୍ଷ୍ମ ନଳୀ ଦ୍ୱାରା ଦାନ୍ତର ତୃତୀୟ ସ୍ତରକୁ ଯୋଗାଯୋଗ ରହିଛି, ଯାହାକୁ ଡେଣ୍ଟିନାଲ୍ ଟ୍ୟୁବଲ୍ କୁହାଯାଏ । ତୃତୀୟ ସ୍ତରକୁ ପଲ୍‌ପ ବା ଦାନ୍ତମଞ୍ଜି ବୋଲି କୁହାଯାଏ ।





ଗରମ, ଥଣ୍ଡା,ଖଟା କିମ୍ବା ମିଠା ଖାଦ୍ୟ ଖାଉଥିବା ସମୟରେ ଦାନ୍ତ କୋଲ ମାରିବା ବା ଶିର୍ ଶିର୍ ହେବା ଅନେକ ସ୍ଥଳରେ ଦେଖାଯାଏ । ଦାନତ୍ର ଓ ମୁଖଗହ୍ୱର ପରୀକ୍ଷା ପରେ ଦେଖାଯାଏ ଦାନ୍ତର ବାହ୍ୟ ଆବରଣ ଏନାମେଲ୍‌ର କ୍ଷୟ ଯୋଗୁଁ ମୁଖ୍ୟତଃ ଏହିସବୁ ଲକ୍ଷଣ ପ୍ରକାଶ ପାଏ । ଦାନ୍ତ ଉପରେ କୌଣସି ପ୍ରକାର ଆଘାତ ଯୋଗୁଁ ଦାନ୍ତର କିଛି ଅଂଶ ଭାଙ୍ଗିଗଲେ, ଦୀର୍ଘଦିନ ଧରି ଦାନ୍ତରେ କଣା (ଦାନ୍ତ ପୋକଖିଆ) ହୋଇ କ୍ରମାଗତ ଭାବେ ଦାନ୍ତକ୍ଷୟ, ପାନ ମସଲା, ଗୁଆ ଭଳି ଟାଣୁଆ ଜିନିଷ ଧାରାବାହିକ ଭାବେ ଚୋବାଇବା, ଅମ୍ଳରୋଗ ପ୍ରଭୃତି ଏନାମେଲ୍‌ର କ୍ଷୟ ମଧ୍ୟରୁ କେତେକ କାରଣ ।


ଦାନ୍ତ ମୁଖ୍ୟତଃ ତିନୋଟି ସ୍ତରରେ ଗଠିତ । ଦାନ୍ତର ବାହ୍ୟ ଆବରଣ ବା ଉପର ଅଂଶ ଏନାମେଲ୍ ଶରୀରର ସବୁଠାରୁ ଟାଣୁଆ ଅଂଶ । ଏପରିକି ହାଡ଼ଠାରୁ ମଧ୍ୟ ଅଧିକ ମଜବୁତ୍ । ଏହାର ରଙ୍ଗ ଧଳା, ଦାନ୍ତରୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦେବାରେ ଏନାମେଲ୍‌ର ଭୂମିକା ମୁଖ୍ୟ । ଏନାମେଲ୍ ତଳ ଦ୍ୱିତୀୟ ସ୍ତରକୁ ଡେଣ୍ଟିନ୍ କୁହାଯାଏ ।

ଏହି ସ୍ତରରେ ସୂକ୍ଷ୍ମାତିସୂକ୍ଷ୍ମ ନଳୀ ଦ୍ୱାରା ଦାନ୍ତର ତୃତୀୟ ସ୍ତରକୁ ଯୋଗାଯୋଗ ରହିଛି, ଯାହାକୁ ଡେଣ୍ଟିନାଲ୍ ଟ୍ୟୁବଲ୍ କୁହାଯାଏ । ତୃତୀୟ ସ୍ତରକୁ ପଲ୍‌ପ ବା ଦାନ୍ତମଞ୍ଜି ବୋଲି କୁହାଯାଏ । ଏହା ଦାନ୍ତର ପ୍ରମୁଖ ଅଂଶ । ଏଠାରୁ ଦାନ୍ତ ମୂଳ ସହିତ ରକ୍ତ ସଞ୍ଚାଳନ ଓ ସ୍ନାୟୁ ସଂଯୋଗ ହୋଇଥାଏ । ଆକସ୍ମିକ ଦୁର୍ଘଟଣା ଯୋଗୁଁ ଦାନ୍ତର କିଛି ଅଂଶ ଭାଙ୍ଗିଗଲେ ଏନାମେଲ୍‌ର କ୍ଷୟ ହୋଇଥାଏ । ଏହି ସ୍ଥଳେ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥାରେ ହେଳା କଲେ କାଳକ୍ରମେ ଡେଣ୍ଟିନାଲ ଟ୍ୟୁବଲ୍ ମାଧ୍ୟମରେ ରୋଗ ଜୀବାଣୁ ସଂକ୍ରମଣ ହୋଇ ପରବର୍ତ୍ତୀ ସମୟରେ ଗରମ, ଥଣ୍ଡା, ଖଟା ବା ମିଠା ଖାଦ୍ୟ ଖାଇବା ସମୟରେ ଶିହରଣ, ଭୀଷଣ କଷ୍ଟ ଓ ଦରଜ ହୋଇ ଦାନ୍ତ ମୂଳରେ ପୂଜ ସୃଷ୍ଟି ହୁଏ ଏବଂ ଦାନ୍ତର ରଙ୍ଗରେ ପରିବର୍ତ୍ତନ ଘଟି ମାଟିଆ ବା ଖଇରିଆ ବର୍ଣ୍ଣ ଧାରଣ କରିଥାଏ । ଯାହାକୁ ବିବର୍ଣ୍ଣ ଦାନ୍ତ ବୋଲି କହିଥାନ୍ତି । ଦୀର୍ଘଦିନ ଧରି ପାନ ମସଲା, ବୁଟ ଓ ଗୁଆ ଭଳି ଟାଣୁଆ ଜିନିଷ ଚୋବାଇବା ଯୋଗୁଁ ଏନାମେଲ୍ କ୍ଷୟ ହୋଇ ଦାନ୍ତ ମୂଳରେ ଜୀବାଣୁ ସଂକ୍ରମଣ ହୋଇ ଆରମ୍ଭ ଅବସ୍ଥାରେ ଶୀର୍ ଶୀର୍ ଲାଗେ । ଦୀର୍ଘଦିନ ପରେ ପ୍ରବଳ ବିନ୍ଧା ଅନୁଭୂତ ହୋଇଥାଏ । ଏହାର ପାର୍ଶ୍ୱ ପ୍ରଭାବ ଯୋଗୁଁ କାନମୁଣ୍ଡା ଓ ମୁଣ୍ଡ ସହ ଦାନ୍ତ ରୋଗାକାନ୍ତ ହୋଇଥିବା ଯୋଗୁଁ ବିନ୍ଧା ହୁଏ । ଦାନ୍ତର କୌଣସି ସ୍ଥାନରେ ଛିଦ୍ର ଦେଖାଦେଲେ ଉକ୍ତ ସ୍ଥାନ କଳା ରଙ୍ଗ ହୋଇ ସୋରିଷ ଭଳି ଅତି ଛୋଟ କଣା ହୋଇଥାଏ । ଏହାକୁ ସାଧାରଣତଃ ଦାନ୍ତ ପୋକଖିଆ କହନ୍ତି । ବିଜ୍ଞାନ ସମ୍ମତ ମତାନୁଯାୟୀ ପ୍ରକୃତରେ ପୋକ ନଥାନ୍ତି । ଏହା ଅମ୍ଳ ବିଘଟନ ପ୍ରକ୍ରିୟା ଯୋଗୁଁ ଦାନ୍ତରେ କଣା ହୋଇଥାଏ । ଏନାମେଲ୍ ଆବରଣ ମଧ୍ୟରେ କଣା ଥିବା ସମୟରେ ଆଦୌ ଯନ୍ତ୍ରଣା ହେଉନଥାଏ । ଏହି ସମୟରେ ଫିଲିଂ ଭଳି ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରି କଣା ବନ୍ଦ ନକଲେ, କାଳକ୍ରମେ କଣା ଦିନକୁ ଦିନ ବଢ଼ିବାରେ ଲାଗେ । ଏହି କଣା ଯେତେବେଳେ ଦାନ୍ତର ତୃତୀୟ ସ୍ତରର ମଞ୍ଜିକୁ ରୋଗାକ୍ରାନ୍ତ କରେ ସେତେବେଳେ ରୋଗୀ କଷ୍ଟ ଅନୁଭବ କରିଥାନ୍ତି । ମୁଖ୍ୟତଃ ଏହିସବୁ କାରଣ ଯୋଗୁଁ ଏନାମେଲ୍ କ୍ଷୟ ହୋଇ ଦାନ୍ତର ମଞ୍ଜି ରୋଗାକ୍ରାନ୍ତ ହେଲେ ଅନେକ ଉକ୍ତ ଦାନ୍ତକୁ ସମୂଳେ ଓପାଡ଼ି ଦେଇଥାନ୍ତି । ଦାନ୍ତ ବିନ୍ଧା ହେଲେ ସାଧାରଣତଃ ଅନେକଙ୍କ ଧାରଣା ଦାନ୍ତ ଓପାଡ଼ିବା ହିଁ ଏକମାତ୍ର ଚିକିତ୍ସା । ବିଜ୍ଞାନର ପ୍ରଗତି ଓ ଦନ୍ତଶଲ୍ୟ ଚିକିତ୍ସାର ପ୍ରସାର ଯୋଗୁଁ ଆଜିକାଲି ଦାନ୍ତ ଓପାଡ଼ିବା ଶେଷ ଚିକିତ୍ସାରେ ପରିଣତ ହେଲାଣି । ସ୍ଥଳବିଶେଷରେ ଯେକୌଣସି ସମୟରେ ଯାହାଙ୍କର ଯେତେଟା ଚାହିଁଲେ ଦାନ୍ତ ଓପାଡ଼ି ଦିଆଯାଇପାରେ । କିନ୍ତୁ ଦାନ୍ତ ଓପାଡ଼ିବା ସମୟରେ ଏଥିଯୋଗୁଁ ସମ୍ପୂର୍ଣ୍ଣ ମୁଖଗହ୍ୱରରେ ଏହାର କୁପ୍ରଭାବ ପଡ଼େ । ଓପାଡ଼ିବା ପରେ ଯେତେ କୃତ୍ରିମ ଦାନ୍ତ ଲଗାଇଲେ ମଧ୍ୟ ପ୍ରାକୃତିକ ଦାନ୍ତରୁର ପରିପୂରକ ହୋଇପାରେ ନାହିଁ । ତେଣୁ ବିଭିନ୍ନ ସ୍ତରରେ ରୋଗ ସଂକ୍ରମଣ ଯୋଗୁଁ ଦାନ୍ତ ନ ଓପାଡ଼ି ଅତ୍ୟାଧୁନିକ ମାଧ୍ୟମରେ ରକ୍ଷା କରାଯାଇ ପାରୁଛି । ସେଥିମଧ୍ୟରୁ ଦାନ୍ତ ମଞ୍ଜର ଚିକିତ୍ସା ବା ରୁଟ୍‌କାନାଲ ଚିକିତ୍ସା ଅନ୍ୟତମ । ଏକ୍ସରେ ଦ୍ୱାରା ଦାନ୍ତମୂଳର ଅବସ୍ଥିତି ଓ ରୋଗ ସଂକ୍ରମଣର ସ୍ତରକୁ ଦେଖି ରୋଗାକ୍ରାନ୍ତ ଦାନ୍ତର ପରୀକ୍ଷା ପରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ବିଭିନ୍ନ ସୂକ୍ଷ୍ମ ଉପକରଣ ସାହାଯ୍ୟରେ ଏହି ରୁଟ୍‌କାନାଲ୍ ଚିକିତ୍ସା ଦ୍ୱାରା ରୋଗାକ୍ରାନ୍ତ ଦାନ୍ତର ମଞ୍ଜିକୁ ଜୀବାଣୁମୁକ୍ତ କରିବା ପରେ ଚିକିତ୍ସା ଶେଷ କରିଥାନ୍ତି । ଏଥିପାଇଁ ରୋଗୀକୁ ୪/୫ ଥର ଆସିବାକୁ ପଡ଼େ । ସ୍ଥଳବିଶେଷରେ ୨/୩ ଥର ମଧ୍ୟ ଅଧିକ ଆସିବାକୁ ପଡ଼ିଥାଏ । ରୋଗୀ ସମ୍ପୂର୍ଣ୍ଣ ଯନ୍ତ୍ରଣାମୁକ୍ତ ହେବା ସହ ଦାନ୍ତ ଓପାଡ଼ିବାରୁ ରକ୍ଷା କରିବା ଏହି ଚିକିତ୍ସାର ମୂଳ ଲକ୍ଷ୍ୟ ।



# ଚଢ଼େଇ ବସାର ଘର

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଏହା ସମ୍ପୂର୍ଣ୍ଣ ସତ । ସାଧାରଣରେ ଦେଖିବାକୁ ଗଲେ ଲୋକେ ସୁନ୍ଦର ଏବଂ ବିଳାସପୂର୍ଣ୍ଣ ଘରେ ରହିବାକୁ ସବୁବେଳେ ସ୍ୱପ୍ନ ଦେଖନ୍ତି । କିନ୍ତୁ ଆଜିର ଯୁଗରେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ବର୍ଷେ କି ଦୁଇ ବର୍ଷ ନୁହେଁ ଲଗାତର ପିଢ଼ି ପରେ ପିଢ଼ି ଚଢ଼େଇ ବସା ଭଳିଘରେ ରହିବାକୁ ପସନ୍ଦ କରୁଛନ୍ତି । ଇରାନରେ କାନ୍ଦୋବନ ଗାଁର କାହାଣୀ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ଏଠାକାର ବାସିନ୍ଦା ଚଢ଼େଇ ବସା ସଦୃଶ ଘର ତିଆରି କରି ତା ଭିତରେ ସୁଖଶାନ୍ତିରେ ରହୁଛନ୍ତି । ଘରଗୁଡ଼ିକ ବି ନିଜର ନିର୍ମାଣଶୈଳୀ ପାଇଁ ବିଶ୍ୱସ୍ତରରେ ଶେ ପ୍ରସିଦ୍ଧ । ତେବେ ଗ୍ରାମବାସୀମାନେ ଏଭଳି ଘର ତିଆରି କରି ରହିବା ପଛର ପ୍ରକୃତ କାରଣ ହେଉଛଇ, ଏହା ଶୀତ ଦିନେ ଗରମ ଏବଂ ଗ୍ରୀଷ୍ମରେ ଥଣ୍ଡା ରହିଥାଏ । ଏଣୁ ଗ୍ରାମବାସୀଙ୍କୁ ନାହିଟରର ଆବଶ୍ୟକ ଅଛି ନା ଏସିର । ଘର ଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ପ୍ରାୟ ୭ଶହ ବର୍ଷ ପୁରୁଣା । କୁହାଯାଇଛି, ଏଠାକାର ବାସିନ୍ଦାଙ୍କ ପୂର୍ବଜମାନେ ଶତ୍ରୁ ଆକ୍ରମଣରୁ ବର୍ତ୍ତିବା ପାଇଁ ଏଭଳି ଘର ତିଆରି କରିଥିଲେ । ଏହା ସେମାନଙ୍କର ଭିଟାମାଟି ନଥିଲା । କେବଳ ଶତ୍ରୁଙ୍କ କବଳରୁ ଲୁଚିବା ପାଇଁ ଠିକଣାଖୋଜୁ ଖୋଜୁ ଏହି ଘର ତିଆରି କରିଦେଇଥିଲେ । ଆଜି ଏହାର ଆକର୍ଷଣୀୟ ନିର୍ମାଣଶୈଳୀ ଏବଂ ଅଦ୍ଭୁତ ସାଜସଜ୍ଜା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରୁଛି ।



# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡିଶାର କୃଷକ କ୍ଷତିଗ୍ରସ୍ତ : ବିଜେଡି

ଭୁବନେଶ୍ୱର,୨୪/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଦାବି ସମାଧାନ ନହେବା କାରଣରୁ ଓଡିଶାର ଲକ୍ଷ ଲକ୍ଷ କୃଷକ ଯନ୍ତ୍ରଣା ଭୋଗୁଛନ୍ତି । ବୀମା କମ୍ପାନୀଗୁଡିକ ଦ୍ୱାରା ୧୦୦୦ କୋଟିରୁ ଅଧିକ ଟଙ୍କାର କ୍ଷତିପୂରଣ ଦାବି ସମାଧାନ ହୋଇନାହିଁ ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର । ବିଜେପି ସାପ୍ତାହିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଭାରତରେ ଗତ ୫ ବର୍ଷ ମଧ୍ୟରେ ଫସଲ ବୀମା ପ୍ରିମିୟମ ବାବଦରେ ୧.୨୬ ଲକ୍ଷ କୋଟି ଟଙ୍କା ଦିଆଯାଇଥିବାବେଳେ କ୍ଷତିପୂରଣ ବାବଦରେ ୮୭,୩୨୦ କୋଟି ଟଙ୍କା ମିଳିଛି । ବୀମା କମ୍ପାନୀ ଗୁଡିକ ପିଏମଏଫବିୱାଇରେ ୪୦,୦୦୦ କୋଟି ଟଙ୍କା ରୋଜଗାର କରିଥିବାବେଳେ ଚାଷୀଙ୍କ ସ୍ୱାର୍ଥ ପ୍ରଭାବିତ ହୋଇଛି । ଓଡିଶାରେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ୩୨୫୦.୪୮ କୋଟି ଏବଂ ଓଡିଶାର କୃଷକମାନେ ୧୦୦୯.୪୮ କୋଟି ଟଙ୍କା ବୀମା କମ୍ପାନୀଗୁଡ଼ିକୁ ପଇଠ କରିଛନ୍ତି । କେନ୍ଦ୍ରର ଅଂଶ ଯୋଗ କଲେ ୨୦୨୧ ଖରିଫ ପର୍ଯ୍ୟନ୍ତ ମୋଟ ଦେୟ ହେଉଛି ୭୫୧୦.୮ କୋଟି ଟଙ୍କା । ଖରିଫ ୨୦୨୦ ପର୍ଯ୍ୟନ୍ତ, ବୀମା କମ୍ପାନୀମାନଙ୍କୁ ପ୍ରିମିୟମ ବାବଦରେ ମୋଟ୍ ୬୧୭୩.୨୮ କୋଟି ଦିଆଯାଇଥିବାବେଳେ କୃଷକଙ୍କ କ୍ଷତିପୂରଣ ଦାବି ପ୍ରତାବକ ବୀମା କମ୍ପାନୀଗୁଡ଼ିକ ୫୦୯୮.୬୪ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହିପରି, ବୀମା କମ୍ପାନୀଗୁଡିକ ୧୦୬୪.୬୪ କୋଟି ଟଙ୍କା ଲାଭ କରିଛନ୍ତି ଯାହା କି ସମୁଦାୟ ପ୍ରିମିୟମ୍‌ର ୧୭.୨୭% ଅଟେ । ଓଡିଶାରେ ୨୦୧୮ ରୁ ୨୦୨୦ ମଧ୍ୟରେ କୃଷକମାନେ ଫସଲ ବୀମା ଦାବି ବାବଦରେ ୨୦୨୦ କୋଟି ଟଙ୍କା ଦାଖଲ କରିଥିବାବେଳେ ବୀମା କମ୍ପାନୀଗୁଡିକ ଦାବିର ମାତ୍ର ୫୦% ଅର୍ଥାତ ୧୦୨୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ପିଏମଏଫବିୱାଇ ଅଧୀନରେ ଓଡିଶାର କୃଷକମାନେ ସେମାନଙ୍କର ବୀମା ଦାବି ଓ କ୍ଷତିପୂରଣ ପାଇବା ନେଇ ବାରମ୍ବାର ହଇରାଣର ସମ୍ମୁଖୀନ ହେଉଛନ୍ତି । ଛଅଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ବିହାର, ଗୁଜୁରାଟ, ଝାଡଖଣ୍ଡ, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗର ପିଏମଏଫବିୱାଇ ଗ୍ରହଣ କରିନାହାନ୍ତି ଏବଂ ବୀମାଭୁକ୍ତ ମୋଟ କ୍ଷେତ୍ର ୭୩ ଲକ୍ଷ ହେକ୍ଟରରୁ ହ୍ରାସ ପାଇଛି (୨୦୧୬-୧୭ ରେ ୫୬୭ ଲକ୍ଷ ହେକ୍ଟରରୁ ୨୦୧୯-୨୦ ରେ ୪୯୫ ଲକ୍ଷ ହେକ୍ଟର) । କେନ୍ଦ୍ର ସରକାର ତାଙ୍କ ତ୍ରୁଟି ସୁଧାରିବା ସହିତ ଅସୁବିଧା ସମୟରେ କୃଷକମାନଙ୍କୁ ସାହାଯ୍ୟ କରିବାର ସମୟ ଆସିଛି । ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଯେପରିକି ଡ୍ରୋନ୍ ସହାୟତାରେ ଶୀଘ୍ର ଦାବିଗୁଡିକର ଆକଳନକୁ ନିଶ୍ଚିତ କରିବା ଏବଂ କେବଳ ସରକାରୀ ବୀମା କମ୍ପାନୀଗୁଡ଼ିକୁ ପିଏମଏଫବିୱାଇ ରେ ଅନୁମତି ଦେବା ଉଚିତ ଯାହା ଦ୍ୱାରା କୃଷକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ । ବିଜେଡି ସାଂସଦମାନେ ସଂସଦର ଉଭୟ ସଦନରେ ବାରମ୍ବାର ଏହି ପ୍ରସଙ୍ଗକୁ ଉଠାଇଛନ୍ତି । କୃଷକମାନଙ୍କର ଦାବି ସମାଧାନ ନହେବା ପର୍ଯ୍ୟନ୍ତ ବିଜେଡି ତାହାର ସଂଗ୍ରାମ ଜାରି ରଖିବ ବୋଲି ଡକ୍ଟର ପାତ୍ର କହିଛନ୍ତି ।

# ଟଙ୍କପାଣି ରୋଡ଼ର ନାମ ପରିବର୍ତ୍ତନକୁ ବିରୋଧ

ଭୁବନେଶ୍ୱର,୨୪/୮ (ନି.ପ୍ର): ରାଜଧାନୀର ପୁରାତନ ରବିଟକିଜ-ବ୍ରହ୍ମେଶ୍ୱର ପାଟଣା-ପୁରୀ ବାଇପାସ୍ ଛକ ଟଙ୍କପାଣି ରୋଡ଼ର ନାମ ପରିବର୍ତ୍ତନ କରାଯାଇ ସହିଦ ଦିବାକର ମାର୍ଗ ନାମ ଦିଆଯାଇଛି । ଏହି ନୂଆ ନାମକୁ ବିରୋଧ କରି ସୋମବାର ପୂର୍ବାହ୍ନରେ ଅଂଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରବିଟକିଜ ରାସ୍ତାର - ଚିଲ୍ଡ୍ରା ପୋଖରୀ ନିକଟ ଦୟା ୱେଷ୍ଟ କେନାଲ ବ୍ରିଜ ଉପରେ ବିକ୍ଷୋଭକାରୀମାନେ ଏକ ପ୍ରତିବାଦ ସଭା କରିବା ସହ ରାଜ୍ୟସରକାର ଏହି ନାମକୁ ପରିବର୍ତ୍ତନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବାଭଳି ବିଭିନ୍ନ ନାରାବାଜି ଦେଇଥିଲେ । ଟଙ୍କପାଣି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଟଙ୍କପାଣିଙ୍କ ନାମ ଅନୁସାରେ ଏହି ରାସ୍ତାର ନାମ ରହିଥିଲା । ଏହି ରାସ୍ତା ବ୍ରହ୍ମେଶ୍ୱର, ବଡ଼ଗଡ଼, ବାୟୁମାଇଲ, ଗ୍ରା.ପ., ବାଙ୍କୁଆଳ ଗ୍ରା.ପ., ରାଜାରାଣୀ ନଗର, ରତ୍ନାକର ବାଗ, ଶିବନଗର, ଆଦି ଅଂଚଳକୁ ସଂଯୋଗ କରୁଛି । ଯାହା ୧୦୦ବର୍ଷର ପୁରୁଣା ନାଁ ବୋଲି ପ୍ରତିବାଦ ସଭାରେ କୁହାଯାଇଛି । ଅତ୍ୟାଧୁନିକ ଏବଂ ସ୍ମାର୍ଟସିଟି ନାମରେ ଏଭଳି ନାମ ପରିବର୍ତ୍ତନ ଗ୍ରାମବାସୀଙ୍କର ଭାବନାକୁ ଆଘାତ ଦେଉଥିବା ଆନ୍ଦୋଳନକାରୀମାନେ କହିଛନ୍ତି । ଆମର ବୀର ସହିଦ ଦିବାକରଙ୍କ ପ୍ରତି ସମ୍ମାନ ରହିଛି ତେଣୁ ସହରର ଅନ୍ୟ କେଉଁ ରାସ୍ତାକୁ ତାଙ୍କର ନାମରେ ନାମିତ କରାଯାଉ ବୋଲି ଟଙ୍କପାଣିରୋଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟିର ସମ୍ପାଦକ ଗୋଲକ ଦାସ କହିଛନ୍ତି । କମିଶନରେଟ ପୋଲିସର ଜୋନ-୪ର ଏ.ସି.ପି. ରଜତ ରାୟ ଏବଂ ବଡ଼ଗଡ଼ ଥାନା ଏବଂ ଲକ୍ଷ୍ମୀସାଗର ଆଇ.ଆଇ.ସି. ବିଶ୍ୱରଞ୍ଜନ ଦାସ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ବିକ୍ଷୋଭକାରୀମାନଙ୍କୁ ବୁଝାସୁଝା କରିଥିଲେ । ୭ଦିନ ମଧ୍ୟରେ ଘଟଣାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାପରେ ବିହିତ ପଦକ୍ଷେପ ନିଆଯିବବୋଲି ପ୍ରତିଶ୍ରୁତି ପାଇବାପରେ ବିକ୍ଷୋଭକାରୀମାନେ ଆନ୍ଦୋଳନରୁ ଓହରି ଥିଲେ । ବିକ୍ଷୋଭରେ ବ୍ରହ୍ମେଶ୍ୱର ପାଟଣା ପ୍ରମୁଖ ଗ୍ରାମବାସୀ, ମା' ଟଙ୍କପାଣି ରୋଡ଼ ବ୍ୟବସାୟୀ ସଂଘ, ଟଙ୍କପାଣି ଗାଁ, ଜଗନ୍ନାଥ କଲୋନୀ, ରାଜାରାଣୀ କଲୋନୀ, ରତ୍ନାକର ବାଗର ଅନେକ ଜନସାଧାରଣମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଫରୱାର୍ଡ଼ ବ୍ଲକ ତରଫରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୨୪/୮ (ନି.ପ୍ର): ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ବର୍ଦ୍ଧିତ ଦରକୁ ଅବିଳମ୍ବେ ପ୍ରତ୍ୟାହାର କରିବା, ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକର ଘରୋଇକରଣ ବନ୍ଦ କରିବା, କୋଭିଡ଼ କ୍ଷତିଗ୍ରସ୍ତଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ କରିବା, ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷର ସୁରକ୍ଷା କରିବା, କୃଷି ଓ କୃଷକ ବିରୋଧୀ ତିନିଗୋଟି କଳା କୃଷି ଆଇନକୁ ସମ୍ପୂର୍ଣ୍ଣ ବାତିଲ କରିବା, ସମସ୍ତଙ୍କୁ ମାଗଣା କୋଭିଡ଼ ଭ୍ୟାକ୍ସିନ ପ୍ରଦାନ କରିବା, ରାଫେଲ ଓ ପେଗାସେସ ଘଟଣାର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଇବା, ସମସ୍ତ ବେକାର ଯୁବକଙ୍କୁ କର୍ମନିଯୁକ୍ତି ନଚେତ ବେକାରୀ ଭତ୍ତା ପ୍ରଦାନର ବ୍ୟବସ୍ଥା କରିବା ଦାବିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ତରଫରୁ ରାଜଭବନ ସମ୍ମୁଖରେ ପ୍ରତିବାଦ, ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରଦାମ ବୃଦ୍ଧି ଫଳରେ ଜନଗଣ ଅଶେଷ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭରେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ରାଜ୍ୟନେତା ସର୍ବେଶ୍ୱର ମିଶ୍ର, ଜିତେନ୍ଦ୍ରିୟ ବେହେରା, ରାଜୀବ ଖାଡ଼େଙ୍ଗା, ନାରାୟଣ ଡ଼ାଲୁଆ, ସୁଶିଳ ଥାନପତ, କନକଲତା ବେହେରା, ଭାନୁମତୀ କାଣ୍ଡି ପ୍ରମୁଖ ନେତୃତ୍ୱ ନେଇଥିଲେ । ପରେ ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଡ୍ରେନେଜ୍ ଅବ୍ୟବସ୍ଥା ଓ ରାସ୍ତା ସମସ୍ୟା ନେଇ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୨୪/୮ (ନି.ପ୍ର): ଜୟଦେବ ବିହାର ଅଂଚଳରେ ଡ୍ରେନେଜ୍ ଅବ୍ୟବସ୍ଥା ଓ ରାସ୍ତା ସମସ୍ୟା ନେଇ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ଅଞ୍ଜନ ନାଥଙ୍କ ନେତୃତ୍ୱରେ ଜୟଦେବ ବିହାର ଛକଠାରୁ ଶହ ଶହ ସଂଖ୍ୟାର ବିଜେପି କାର୍ଯ୍ୟକର୍ତ୍ତାମାନେ ମେ ଫେୟାର ହୋଟେଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୱାର୍ଡ଼ ନଂ-୨୭ ଅଂଚଳରେ ବିଗ୍ ପଙ୍କଜାୟକ କଲେଜ ଛକ ଠାରୁ ନେଇ ମେ ଫେୟାର ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ ଜାଗାରେ ଖାଲ ହୋଇଅଛି । ଯାହାଫଳରେ କି ପ୍ରତିଦିନ ସେହି ରାସ୍ତାରେ ଯାଉଥିବା ବାଟୋଇମାନେ ସେହି ଖାଲରେ ପଡ଼ି କ୍ଷତବିକ୍ଷତ ହେଉଛନ୍ତି । ଏକାମ୍ର କାନନ ପାର୍କ ପାଖରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନେଜ ବିଭିନ୍ନ ଜାଗାରେ ଅବରୋଧ ହୋଇଯିବା ହେତୁ ଲେନ୍-୩ ଏବଂ ଲେନ୍-୪ ଅଂଚଳରେ ରହୁଥିବା ବାସିନ୍ଦାମାନଙ୍କ ଘର ଭିତରେ ପାଣି ପଶିଯାଉଛି । ଯଦି ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ । ଏହି ବିକ୍ଷୋଭ ସମାବେଶରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ବାବୁ ସିଂ, ଉତ୍ତର ନିର୍ବାଚନ ମଣ୍ଡଳୀର ନେତା ତଥା ରାଜ୍ୟ ପ୍ରବକ୍ତା ଦିଲ୍ଲିପ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲିପ ବେହେରା, ଅଭିଷେକ ଆଚାର୍ଯ୍ୟ, ହିମାଂଶୁ ଛୋଟରାୟ, ନିରଞ୍ଜନ ରାଉତରାୟ, କ୍ରିଷ୍ଣା ମିଶ୍ର, ସୁଶାନ୍ତ ସାବତ, ପୁଷ୍ପାଞ୍ଜଳି ଜେନା, ରଶ୍ମିରଞ୍ଜନ କାନୁନଗୋ, ସୁଧାଂଶୁ ସାମଲ ପ୍ରମୁଖ କାର୍ଯ୍ୟକର୍ତ୍ତା ବକ୍ତବ୍ୟ ରଖିଥିଲେ ।

# ମରୁଡି ସ୍ଥିତି ଆକଳନ ପାଇଁ ୪ଟି ଟିମ୍ ଗଠନ କଲା ବିଜେପି

## ରାଜ୍ୟ ମରୁଡି ସମସ୍ୟା ପାଇଁ ସରକାର ତୁରନ୍ତ ଟାସ୍କ ଫୋର୍ସ ଗଠନ କରନ୍ତୁ : ସମୀର ମହାନ୍ତି

ଭୁବନେଶ୍ୱର,୨୪/୮ (ନି.ପ୍ର): ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ବିଜେପି ତରଫରୁ ଆସନ୍ନ ମରୁଡି ସ୍ଥିତି ଆକଳନ କରିବା ପାଇଁ ୪ଟି ଟିମ୍ ଗଠନ ହୋଇଛି । ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲ, ବିରୋଧୀ ଦଳ ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ବିଭିନ୍ନ ମରୁଡି ଅଂଚଳ ଗସ୍ତ କରି ସାମ୍ପ୍ରତିକ ପରିସ୍ଥିତି ସଂପର୍କରେ ରିପୋର୍ଟ ପ୍ରଦାନ କରିବେ । ରିପୋର୍ଟ ହସ୍ତଗତ ହେବା ପରେ କେଉଁ ଭଳି ଭାବେ ଚାଷୀଙ୍କୁ ସାହାଯ୍ୟ କରି ହେବ, ସେ ସଂପର୍କରେ ଆମେ ରାଜନୈତିକ ଖସଡା ପ୍ରସ୍ତୁତ କରିବୁ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇ କହିଛନ୍ତି । ଭାରତୀୟ ପାଣିପାଗ ସଂସ୍ଥା (ଆଇଏମ୍‌ଡି) ର ମରୁଡି ସମ୍ପର୍କରେ ବାରମ୍ବାର ପୂର୍ବାନୁମାନ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ରାଜ୍ୟ ସରକାର । ଘୋଷଣା କରିଥିବା ବିଭିନ୍ନ ଜଳସେଚନ, ମେଗାଲିଫ୍ଟ ଇରିଗେସନ ଆଦି କୃଷକ କଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ଆସନ୍ନ ମରୁଡି ସ୍ଥିତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସଠିକ୍ ଖବର ଅଛି ତ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଦୀର୍ଘ ଦିନ ଧରି ସ୍ଥାୟୀ ସରକାର ଥିବା ସତ୍ତ୍ୱେ ଆଜି ରାଜ୍ୟର ଚାଷୀଙ୍କୁ ପାଣି ପାଇଁ ମୁଣ୍ଡରେ ହାତ ଦେଇ ବିଲ ମଝିରେ ବସି ରହିବା ଦୃଶ୍ୟ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ହୋଇଛି । ଏହି ଦୃଷ୍ଟିରୁ ରାଜ୍ୟ ସରକାର ଏକ୍ସପର୍ଟମାନଙ୍କୁ ନେଇ ତୁରନ୍ତ ଏକ ଟାସ୍କ ଫୋର୍ସ ଓ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହ ଯୁଦ୍ଧକାଳୀନ ଭିତିରେ ମରୁଡି ଆସନ୍ନ ଜିଲ୍ଲାମାନଙ୍କରେ ନିକଟସ୍ଥ ଜଳ ଉତ୍ସ ସ୍ଥାନମାନଙ୍କରୁ ପାଣି ଯୋଗାଇ ଦେବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଏଥି ସହ ବିଭାଗୀୟ ସଚିବମାନଙ୍କୁ ମରୁଡି ଆସନ୍ନ ଅଂଚଳକୁ ପ୍ରେରଣ କରି ସଂକଟର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତି ରାଜ୍ୟସରକାରଙ୍କ ନିକଟରେ ଦାବୀ ଜଣାଇଛନ୍ତି । ରାଜ୍ୟର ସମୁଦାୟ ୩୧୪ ବ୍ଲକ ମଧ୍ୟରୁ ୨୫୧ ଟି ବ୍ଲକର ମାତ୍ର ୩୫ ପ୍ରତିଶତ ଜମିକୁ ଜଳସେଚିତ କରାଯାଇପାରିଛି ବୋଲି ବିଧାନସଭା ଗୃହରେ ଜଳସେଚନ ମନ୍ତ୍ରୀ ଉତ୍ତର ଦେଇଛନ୍ତି । ସେହିପରି ଗତ ୨୦୧୮ ମସିହାରେ ପୂର୍ବତନ ବିଧାୟକ କେ.ଭି.ସିଂହଦେଓଙ୍କ ପ୍ରଶ୍ନର ଜବାବରେ ରାଜ୍ୟର ସମୁଦାୟ ୧୮ଟି ବୃହତ ଜଳସେଚ ପ୍ରକଳ୍ପ ମଧ୍ୟରୁ ୮; ୯ଟି ମଧ୍ୟମ ଜଳସେଚ ପ୍ରକଳ୍ପରୁ ୯ଟି, ଏବଂ ବିଭିନ୍ନ କାରଣ ଦର୍ଶାଇ ବହୁ ସଂଖ୍ୟାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅସଂପୂର୍ଣ୍ଣ ହୋଇ ପଡି ରହିଛି ବୋଲି ରାଜ୍ୟ ସରକାର ଜବାବ ରଖିଥିଲେ । ୧୫୪ଟି ମେଗାଲିଫ୍ଟ ପଏଂଟ ପ୍ରକଳ୍ପ ସ୍ଥାପନ କରାଯିବ ବୋଲି ଗତ ଚାରି ବର୍ଷ ତଳେ ଅର୍ଥାତ ୨୦୧୮ ମସିହାରେ ରାଜ୍ୟ ସରକାର ଘୋଷଣା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ମାତ୍ର ୩୨ଟି ସଂପୂର୍ଣ୍ଣ ହୋଇଥିବାବେଳେ ୧୨୨ଟି ଅସଂପୂର୍ଣ୍ଣ ଭାବେ ପଡି ରହିଛି । ରାଜ୍ୟର ୧୦ ଲକ୍ଷ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇ ଦେବେ ବୋଲି ଗତ ୨୦୧୪ ଏବଂ ୨୦୧୭ ମସିହା ନିର୍ବାଚନୀ ଇସ୍ତାହାରରେ ଶାସକ ବିଜେଡି ଘୋଷଣା କରିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ମାତ୍ର ୧୮,୩୫୦ ହେକ୍ଟର ଚାଷଜମିକୁ ପାଣି ଯୋଗାଇଛନ୍ତି ବୋଲି ରାଜ୍ୟ ଚାଷୀଙ୍କୁ ପ୍ରତି ଆଉ ଏକ ପ୍ରବଂଚନା ବୋଲି କହି ଶ୍ରୀ ମହାନ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ବିଲାପ ମଲ୍ଲିକ ଏବଂ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଚକ୍ରାନ୍ତ ପଦାରେ ପଡିଲା : ବିଜେପି

ଭୁବନେଶ୍ୱର,୨୪/୮ (ନି.ପ୍ର): ଯେ କୌଣସି ମକଦ୍ଦମାର ଶୁଣାଣି ଓ ଫଇସଲା କୋର୍ଟ କଚେରୀରେ ବିଳମ୍ବିତ ହେଲେ ପୀଡିତା ଏବଂ ପୀଡିତାର ପରିବାର ନ୍ୟାୟ ପାଇବାରେ ବଂଚିତ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ । ଆଉ ଯଦି ଏଭଳି ଚକ୍ରାନ୍ତ ଜାଣିଶୁଣି କରାଯାଏ, ତାହେଲେ ଏହା ନିଶ୍ଚିତ ଏକ ଦଣ୍ଡନୀୟ ଏବଂ ଅକ୍ଷମଣୀୟ ଅପରାଧ । ବହୁ ଚର୍ଚ୍ଚିତ ପରୀ ନାବାଳିକା ହତ୍ୟାକାଣ୍ଡ ଘଟଣାରେ ହାଇକୋର୍ଟଙ୍କ ମାଜିଷ୍ଟ୍ରେଟ୍ କୋର୍ଟକୁ ଯିବା ପାଇଁ ନିର୍ଦ୍ଦେଶକୁ ଖାରଜ କରିବା ସହ ଏହି ଘଟଣାର ବିଚାର ଓ ଶୁଣାଣୀ ହାଇକୋର୍ଟରେ ମାନ୍ୟବର ସୁପ୍ରିମ କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ରାୟ ପରୀର ମାଁ ଓ ବାପାଙ୍କୁ ନିଶ୍ଚିତ ଭାବେ ଆଶ୍ୱସ୍ତି ପ୍ରଦାନ କରିଥିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଏନସିପିସିଆର୍‌ର ରିପୋର୍ଟ ଅନୁଯାୟୀ ଏହି ଘଟଣାର ତଦନ୍ତ କୌଣସି ଏକ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ସୁପ୍ରିମକୋର୍ଟ ମଧ୍ୟ ଏନସିପିସିଆର୍‌ଙ୍କ ରିପୋର୍ଟକୁ ଯଥାର୍ଥ ଦର୍ଶାଇବା ସହ ହାଇକୋର୍ଟରେ ଶୁଣାଣୀ ସମୟରେ ଏହି ରିପୋର୍ଟକୁ ଗୁରୁତ୍ୱ ଦେବା ପାଇଁ କହିଛନ୍ତି । ପରୀର ମାଁ ଓ ବାପା ଶୀଘ୍ର ନ୍ୟାୟ ପାଇବା ଆଶା ଏବଂ ଅପେକ୍ଷାରେ ଥିବାବେଳେ, ରାଜ୍ୟ ସରକାର ସୁପ୍ରିମକୋର୍ଟରେ କାହା ସ୍ୱାର୍ଥରେ ତାରିଖ ପରେ ତାରିଖ ନେଇ ଜାଣିଶୁଣି ଅଯଥାରେ ବିଳମ୍ବ କରୁଥିଲେ ? ରାଜ୍ୟ ଆଡଭୋକେଟ ଜେନେରାଲ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁନାହାନ୍ତି ବରଂ ଶାସକ ବିଜେଡିର ଏଜେଂଟ ଭାବେ କାର୍ଯ୍ୟ କରି ଅଭିଯୁକ୍ତମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । କାହାକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ଏହି ଚକ୍ରାନ୍ତ କରୁଛନ୍ତି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ଆଜିର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ଚକ୍ରାନ୍ତ ପଦାରେ ପଡିଲା ବୋଲି ଡ.ଲେଖାଶ୍ରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ବିଲାପ ମଲ୍ଲିକ ଏବଂ ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୧ ପର୍ଯ୍ୟନ୍ତ ୧୨ଟି ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୨୪/୮ (ନି.ପ୍ର): କୋଭିଡ଼୧୯ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବା ଏବଂ କୋଭିଡ଼୧୯ ମହାମାରୀ ସମୟରେ ଟ୍ରେନର ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ୧୨ଟି ସ୍ୱତନ୍ତ୍ର ଟ୍ରେନ୍ ବାତିଲ୍ କରିବାକୁ ନିଷ୍ପତ୍ତି ନିଆଯାଇଛି । ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ୍, ୦୮୪୯୩/୦୮୪୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ବିଶେଷ ଟ୍ରେନ, ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ, ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ, ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ୍ ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ୨୩ରୁ ୩୧ ଅଗଷ୍ଟ, ୨୦୨୧ ପର୍ଯ୍ୟନ୍ତ ବାତିଲ ରହିବ । ସେହିପରି ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ, ୦୮୪୩୩/୦୮୪୩୪ ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ବିଶେଷ ଟ୍ରେନ, ୦୨୮୯୧/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋସି-ଭୁବନେଶ୍ୱର ବିଶେଷ ଟ୍ରେନ, ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ବିଶେଷ ଟ୍ରେନ୍, ୦୮୪୧୪/୦୮୪୧୩ ପୁରୀ-ପାରାଦୀପ- ପୁରୀ ବିଶେଷ ଟ୍ରେନ ଓ ୦୮୪୧୫/୦୮୪୧୬ ପୁରୀ-ଗୁଣୁପୁର-ପୁରୀ ବିଶେଷ ଟ୍ରେନ ୨୪ ରୁ ୩୦ ଅଗଷ୍ଟ, ୨୦୨୧ ପର୍ଯ୍ୟନ୍ତ ବାତିଲ ରହିବ । ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ ଉଭୟ ଦିଗରୁ ୨୩ ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟ ୨୦୨୧ ଦିନ ଚାଳନରେ ଓ ଅନୁଗୁଳ ମଧ୍ୟରେ ବାତିଲ ରହିବ ଏବଂ ଉଭୟ ଦିଗରୁ ତାଳଚେର ଏବଂ ପୁରୀ ମଧ୍ୟରେ ଚଳାଚଳ କରିବ । ଅପରପକ୍ଷରେ ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ୨୩ ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟ ୨୦୨୧ ରେ ଉଭୟ ଦିଗରୁ ପୁନ ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । କୋଭିଡ଼ ପାଇଁ ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ହ୍ରାସ କରାଯାଇଥିଲା । ସେହିପରି କୋଭିଡ଼ ୧୯ ପାଇଁ ପ୍ରତିଷେଧକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଲକଡାଉନ୍ କଳକତର ଥିବା ପର୍ଯ୍ୟନ୍ତ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କେନ୍ଦ୍ର ଗୁଡ଼ିକୁ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ ଖୋଲା ରଖିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଛି ।

# ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୪/୮ (ନି.ପ୍ର): କରୋନାର ସଙ୍କଟମୟ ସମୟରେ ଦେବଦୂତ ଭଳି କାର୍ଯ୍ୟ କରିଥିବା ବରିଷ୍ଠ ଡ଼ାକ୍ତର କର୍ଣ୍ଣେଲ ଚିର୍ ନାରାୟଣ ପାଣିଙ୍କୁ ଗତକାଲି ରକ୍ଷାବନ୍ଧନର ପବିତ୍ର ଅବସରରେ ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟ୍ରାଲର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଉଡରାୟ ଓ ବ୍ୟାଜ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ସେ ଭାବବିହ୍ୱଳ ହୋଇ କହିଥିଲେ ଯେ, ଭଗବାନ ଆମକୁ ଯେଉଁ ବିଦ୍ୟାରେ ପ୍ରବୀଣ କରିଛନ୍ତି, ତାହାକୁ ଆମେ କେବଳ ପ୍ରୟୋଗ କରିଛୁ ।

# ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ଆର୍ଥିକ ଅନିୟମିତତା ଓ ବେଆଇନ କାରବାର : ୪ ଅଭିଯୁକ୍ତ କାର୍ଯ୍ୟରୁ ବହିଷ୍କୃତ

ଭୁବନେଶ୍ୱର,୨୪/୮ (ନି.ପ୍ର): କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଆଠଗଡ଼ ଶାଖା ଅଧୀନରେ ଥିବା ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ହୋଇଥିବା ଆର୍ଥିକ ଅନିୟମିତତା ଓ ବେଆଇନ କାରବାରରେ ଅଭିଯୁକ୍ତ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୂର୍ବରୁ ନିଲମ୍ବିତ ହୋଇଥିବା ସମିତିର ସମ୍ପାଦକ ବିଜୟ କୁମାର ଦାସ ଓ ନିଲମ୍ବିତ ପିଅନ ପ୍ରବୋଧ ରଂଜନ ପରିଡ଼ାଙ୍କୁ ସମିତିର ପରିଚାଳନା ପରିଷଦ ବହିଷ୍କାର କରିଛନ୍ତି । ପରିଷଦ ଜିଲ୍ଲାପାଳ, କଟକ ତଥା କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରଶାସକଙ୍କ ଅନୁମୋଦନ କ୍ରମେ ଆଠଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ପୂର୍ବତନ ଶାଖା ପରିଚାଳକ ପ୍ରମୋଦ କୁମାର ଦାସ, ପୂର୍ବତନ ସହକାରୀ ପରିଚାଳକ ନଳିନୀକାନ୍ତ ଆଚାର୍ଯ୍ୟଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ସେହିପରି ଚୌଦ୍ୱାର କେନ୍ଦ୍ର ସମବାୟ ଶାଖାର ପୂର୍ବତନ ସହକାରୀ ପରିଚାଳକ ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ବ୍ୟାଙ୍କ ସହାୟକ ପଦକୁ ପଦାବନତ କରାଯାଇଛି । ଆଠଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ପୂର୍ବତନ ସହକାରୀ ପରିଚାଳକ ତଥା କୋଷାଧକ୍ଷ ବାବାଜୀ ଚରଣ ପ୍ରଧାନ ଓ ଆଠଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ପୂର୍ବତନ ବ୍ୟାଙ୍କ ସହାୟକ ନିରଞ୍ଜନ ପରିଡ଼ା ତଦନ୍ତ ମଧ୍ୟରେ ଚାକିରିରୁ ଅବସର ନେଇଛନ୍ତି । ସମସ୍ତ ପାଂଚ ଜଣ ଅଭିଯୁକ୍ତଙ୍କଠାରୁ ଅନିୟମିତତା ଅର୍ଥ ଆଦାୟ କରିବା ପାଇଁ ଆଦେଶ ହୋଇଛି । ସୂଚନାଯୋଗ୍ୟ ଯେ ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ଆର୍ଥିକ ଅନିୟମିତତା ଓ ବେ ଆଇନ କାରବାର ବିଷୟରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତୁରନ୍ତ ନିବନ୍ଧକ ସମବାୟ ସମିତି ସମୂହ, ମହାସମୀକ୍ଷକ, ସମବାୟ ସମିତି ସମୂହଙ୍କ ତା.୧୨/୦୩/୨୦୨୦ରିଖ ନିର୍ଦ୍ଦେଶ କ୍ରମେ ଏକ ୧୧ ଜଣିଆ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ତା.୦୩/୦୬/୨୦୨୦ରେ ତଦନ୍ତକାରୀ ଦଳ ସମିତିରେ ହୋଇଥିବା ଧାନକ୍ରୟ ତଥା ଫସଲ ଋଣ କାରବାର ରେ ଅର୍ଥ ହେରଫେର ହୋଇଥିବା ଦର୍ଶାଇଥିଲେ । ତଦନ୍ତ ରିପୋର୍ଟରେ ଦର୍ଶାଯାଇଥିବା ଦୋଷୀ କର୍ମଚାରୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୬ ଜଣ କର୍ମଚାରୀ ଯଥା ଶାଖା ପରିଚାଳକ ପ୍ରମୋଦ କୁମାର ଦାଶ, ସହକାରୀ ପରିଚାଳକ ନଳିନୀକାନ୍ତ ଆଚାର୍ଯ୍ୟ, ସହ-ପରିଚାଳକ ଚିତ୍ତାନନ୍ଦ ଜେନା, ସହ- ପରିଚାଳକ ବାବାଜୀ ପ୍ରଧାନ, ବ୍ୟାଙ୍କ ସହାୟକ ନିରଞ୍ଜନ ପରିଡ଼ା ଓ ଚୌଦ୍ୱାର ବ୍ୟାଙ୍କ ଶାଖାର ସହ ପରିଚାଳକ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ଗୁରୁଡ଼ିଝାଟିଆ ସେବା ସମିତିରେ କାର୍ଯ୍ୟରତ ୩ ଜଣ କର୍ମଚାରୀ ଯଥା ସମ୍ପାଦକ ବିଜୟ କୁମାର ଦାସ, ସହ-ସମ୍ପାଦକ ସଂଗ୍ରାମ କେଶରୀ ସାହୁ ଓ ପିଅନ ପ୍ରବୋଧ ରଂଜନ ପରିଡ଼ାଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା । ଗୁରୁଡ଼ିଝାଟିଆ ସେବା ସମିତିରେ ହୋଇଥିବା ଆର୍ଥିକ ଅନିୟମିତତା ଓ ହେରଫେର ଉପଯୁକ୍ତ ତଦନ୍ତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସିଆଇଡି, କ୍ରାଇମ ବ୍ରାଂଚ, ଅର୍ଥନୈତିକ ଅପରାଧ ଶାଖା, ଭୁବନେଶ୍ୱରର ଏସ୍‌ପିଙ୍କୁ ନିବନ୍ଧକ ସମବାୟ ସମିତି ସମୂହ ଗତ ତା. ୧୦/୦୬/୨୦୨୦ ଓ ତା. ୦୬/୧୦/୨୦୨୦ରିଖରେ ଅନୁରୋଧ କରିଥିଲେ ଏବଂ ଏହି ତଦନ୍ତ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି । ଏହି ତଦନ୍ତ ଆଧାରରେ ଯେଉଁ ଟଙ୍କା ସରକାରଙ୍କ ଋଣ ଅର୍ଥ ପ୍ରଦାନରେ ହେରଫେର ପ୍ରମାଣିତ ହେବ, ଉକ୍ତ ଅର୍ଥ ଦାୟୀ କର୍ମଚାରୀମାନଙ୍କଠାରୁ ଆଦାୟ କରାଯିବ । ଅନିୟମିତତାରେ ସଂପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆର୍ଥିକ ଅନିୟମିତତାରେ କ୍ଷତିଗ୍ରସ୍ତ ଋଣୀ ଚାଷୀମାନଙ୍କ ସ୍ୱାର୍ଥ ଆଇନ ମତେ ସୁରକ୍ଷା ପ୍ରଦାନ କରାଯିବ । ସମବାୟ ସମିତି ମହାସମୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ୨୦୧୮-୧୯ ଓ ୨୦୧୯-୨୦ ବର୍ଷର ସମୀକ୍ଷା କରାଯାଉଅଛି ଓ ଇତି ମଧ୍ୟରେ ୨୦୧୮-୧୯ ବର୍ଷର ସମୀକ୍ଷା ଶେଷ ହୋଇଛି ଓ ୨୦୧୯-୨୦ର ସମୀକ୍ଷା ଚାଲୁ ରହିଛି । ସମୀକ୍ଷା ରିପୋର୍ଟ ହସ୍ତଗତ ହେଲାପରେ ସମବାୟ ସମିତି ଆଇନ-୧୯୬୨ ଧାରା ୬୭ ପ୍ରକାରରେ ଦାୟୀ କର୍ମଚାରୀଙ୍କ ବିରୁଦ୍ଧରେ ସରଚାର୍ଜ ପ୍ରୋସିଡ଼ିଙ୍ଗ ହୋଇ ଅର୍ଥ ଆଦାୟ ପାଇଁ ବ୍ୟବସ୍ଥା କରାଯିବ ବୋଲି ନିବନ୍ଧକ ସମବାୟ ସମିତି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ଅଫଲାଇନ୍ ପରୀକ୍ଷାକୁ ବିରୋଧ କରି ଆଇନ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୪/୮ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ଆଇନ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତରବରିଆ ଭାବେ ଅଫଲାଇନରେ ୬ ମାସରେ ୪ଟି ସେମିଷ୍ଟର କରାଇବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି ଛାତ୍ରଛାତ୍ରୀ । ଏଥିସହ ଅନଲାଇନରେ ସେମିଷ୍ଟର କରାଇବାକୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଯଥାଶୀଘ୍ର ପରୀକ୍ଷା ସମ୍ପର୍କରେ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ନପାଇଲେ ସେମାନେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଇନ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ଯେ ଆସନ୍ତା ୨୫ ତାରିଖରେ ବସିବାକୁ ଥିବା ପରୀକ୍ଷା କମିଟି ବୈଠକରେ ସର୍ବସମ୍ମତରେ ନିଷ୍ପତି ନିଆଯିବ । ଉତ୍କଳ ୟୁନିଭରସିଟି ଅଧୀନସ୍ଥ ୟୁନିଭର୍ସିଟି ଲ' କଲେଜ, କ୍ୟାପିଟାଲ ଲ' କଲେଜ, ଏମଏସ୍ ଲ' କଲେଜ ଓ ଡି ଲ' କଲେଜ ପିଲାମାନେ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି ।

# ଛାତ୍ର କଂଗ୍ରେସ ପକ୍ଷରୁ ଦିବଂଗତ ସଂଗ୍ରାମୀ ରାଜନେତା ସଂଗ୍ରାମ ଜେନାଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର,୨୪/୮ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଦିବଂଗତ ସଂଗ୍ରାମୀ ରାଜନେତା ସଂଗ୍ରାମ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଲାଇଟ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ରାମମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଏକ ସ୍ମୃତିସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ସ୍ୱର୍ଗତ ଜେନା ସାରା ରାଜ୍ୟରେ ଛାତ୍ର ଓ ଯୁବକମାନଙ୍କୁ ସଂଗଠିତ କରୁଥିଲେ ଓ ଜନ ସମସ୍ୟା ପାଇଁ ସଂଗ୍ରାମ କରିବାକୁ ପ୍ରେରଣା ଦେଉଥିଲେ ।

## ଆଫଗାନିସ୍ତାନ ନେପଥ୍ୟେ....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିଚଳିତ ବିଶ୍ୱ ରାଜନୀତିରେ ଚୀନର ଏହି ବୃଦ୍ଧି ବିଶ୍ୱସ୍ତରୀୟ ଦୃଶ୍ୟ ଉପରେ ରହିଥିବା ପ୍ରଭାବ ଏକ ପରିବର୍ତ୍ତନ ଭାବରେ ବିବେଚନା କରାଯାଇପାରେ । ଏଭଳି ପରିସ୍ଥିତିରେ ଚାଇନାକୁ ସାମ୍ନା କରିବାକୁ ଆମେରିକା ନିଜର ବିଶ୍ୱସ୍ତରୀୟ ଉପସ୍ଥିତିକୁ ଯୁକ୍ତିଯୁକ୍ତ କରିବାକୁ ଚାହୁଁଛି । ଯେତେବେଳେ ଆମେରିକା ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଥିଲା ?ସେତେବେଳେ ଟ୍ରମ୍ପଙ୍କ କାର୍ଯ୍ୟକାଳରୁ ପ୍ରତିଦ୍ୱନ୍ଦ୍ୱିତାର ଲକ୍ଷଣ ଦେଖାଯାଉଥିଲା । ବର୍ତ୍ତମାନର ବିଡେନ୍ ପ୍ରଶାସନ ଅଧୀନରେ ଏହାକୁ ଏକ ନୂତନ ଦିଗ ଦିଆଯାଉଛି । ବିଡେନ୍ ପ୍ରଶାସନ ଚୀନ୍ ବିରୋଧୀ ନୀତି ଅବଲମ୍ବନ କରିଚାଲିଛି ଯେ ଏହା କେବେ ଅସ୍ଥାୟୀ ନୁହେଁ କିମ୍ବା ଚୀନ୍ ବିରୋଧୀ ପକ୍ଷପାତର ଫଳାଫଳ ନୁହେଁ । ଚୀନ୍ ଏବଂ ରୁଷ ମଧ୍ୟରେ ବଢୁଥିବା ଘନିଷ୍ଠତାକୁ ନେଇ ଆମେରିକା ଚିନ୍ତିତ ଅଛି । ଟ୍ରମ୍ପ ଯୁଗର ପ୍ରତିବନ୍ଧକ ପରେ ଇରାନର ରୁଷ ଏବଂ ଚୀନ୍ ସହିତ ଘନିଷ୍ଠତା ବିଡେନ୍ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଆଫଗାନିସ୍ତାନରେ ଚୀନ୍ ଏବଂ ପାକିସ୍ତାନର ନିକଟତରତା ଆମେରିକାକୁ ଜରୁରୀ ଚିନ୍ତା କରିବାକୁ ବାଧ କରିଛି । ତେଣୁ ଆମେରିକା ପାଇଁ ପ୍ରଥମ ପ୍ରାଥମିକତା ହେଉଛି ଏହାର ସାମ୍ରାଜ୍ୟବାଦୀ ଯୁଦ୍ଧକୁ ଶେଷ କରିବା । ଆଫଗାନିସ୍ତାନକୁ ଏହି ଦିଗରେ ପ୍ରଥମ ପ୍ରମୁଖ ପଦକ୍ଷେପ କୁହାଯାଇପାରେ । ଚୀନ୍ ବର୍ତ୍ତମାନ ଆଫଗାନିସ୍ତାନରେ ଆର୍ଥିକ ଦୃଷ୍ଟିରୁ ସୀମିତ, କିନ୍ତୁ ଭବିଷ୍ୟତରେ ଏହାର ରଣନୀତିକ ଏବଂ ଭୌଗୋଳିକ କାର୍ଯ୍ୟକଳାପ ବୃଦ୍ଧି ପାଇପାରେ । ଏହାର ମୁଖ୍ୟ କାରଣ ହେଉଛି ଜିନଜିଆଙ୍ଗର ସମସ୍ୟା । ପାକିସ୍ତାନ ସହିତ ସ୍ଥାୟୀ ଶତ୍ରୁତା ଭାରତ ପାଇଁ ଭୟଙ୍କର ପରିଣାମ ଦେଇପାରେ । ଏଭଳି ପରିସ୍ଥିତିରେ ଭାରତକୁ ଆମେରିକାର ଛାୟାରୁ ବାହାରକୁ ଆସି ଏକ ସ୍ୱାଧୀନ ଆଫଗାନିସ୍ତାନ ନୀତି ନିର୍ଣ୍ଣୟ କରିବାକୁ ପଡ଼ିବ । ଆଫଗାନିସ୍ତାନ ସହିତ ସମ୍ପର୍କ ଦ୍ୱିପାକ୍ଷିକ ହେବା ଆବଶ୍ୟକ । ଚୀନ୍ ସହିତ ହୋଇଥିବା ବିବାଦକୁ ଦୃଷ୍ଟିରେ ରଖି ଭାରତକୁ ରୁଷ ଏବଂ ଇରାନ ସହ ସମ୍ପର୍କକୁ ମଜବୁତ କରିବାକୁ ପଡ଼ିବ ।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଜୟନ୍ତୀ

ବାଲେଶ୍ୱର,୨୪/୦୮ (ନି.ପ୍ର): ଭୂଦାନ ଆନ୍ଦୋଳନର ମୁଖ୍ୟ ସନ୍ଥ ବିନୋବା ଭାବେ ଓ ନିର୍ମଳା ଦେଶପାଣ୍ଡେଙ୍କ ଘନିଷ୍ଠ ସହଯୋଗୀ ତଥା ଓଡ଼ିଶା ଭୂଦାନ ଯଜ୍ଞ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ ମହାନ୍ତିଙ୍କର ୮୦ତମ ଜୟନ୍ତୀ ଉତ୍ସବ ରେମୁଣା ଗୋଲେଇଠାରେ ମଙ୍ଗଳବାର ପାଳିତ ହୋଇଯାଇଛି । ସର୍ବୋଦୟୀ ପ୍ରଶାନ୍ତ ମହାନ୍ତି ସ୍ମୃତି କମିଟି ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାନଚନ୍ଦ୍ର ରାୟ ସଭାପତିତ୍ୱ କରିଥିଲେ । ସମାଜସେବୀ ତଥା ଚାଷୀ ନେତା ଅରୁଣ ଜେନା ମୁଖ୍ୟଅତିଥି ଏବଂ ଡାକ୍ତର ରଜନୀକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଗାନ୍ଧୀ-ବିନୋବା ବିଚାର ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଗରିବ, ଭୂମିହୀନଙ୍କୁ ଭୂଦାନ ଜମି ବଣ୍ଟନ, ଓଡ଼ିଶା କ୍ଷେତ ଶ୍ରମିକ, କିଶାନ ପରିଷଦ ଓ ହରିଜନ ସେବକ ସଂଘ ଆଦି ଜନ ସଙ୍ଗଠନ ଜରିଆରେ ସେ ସର୍ବଦା ଜନସେବାକୁ ଗୁରୁତ୍ୱ ଦେଇ ଆସିଥିଲେ । ସର୍ବୋଦୟ ଆନ୍ଦୋଳନରେ ବହୁ ଉଲେଖନୀୟ କାର୍ଯ୍ୟ କରି ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି ଅତିଥିମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ସାହୁ, ସୁରଜିତ ପୋଥାଳ, ଜଗନ୍ନାଥ ମିଶ୍ର, ପ୍ରଦୀପ ବେହେରା ଓ ସତ୍ୟନାରାୟଣ ପାକଳ ପ୍ରମୁଖ ଏହି ଜୟନ୍ତୀ ଉତ୍ସବରେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ତଥା ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ସମୂହ ପୁଷ୍ପ ଅର୍ପଣ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜାତୀୟ ଶିକ୍ଷା ନୀତିର ୧ ବର୍ଷ ....

ମାଧ୍ୟମ । ଶିକ୍ଷା କେବଳ ଡିଗ୍ରୀ ପାଇବା ପାଇଁ ଏକ ପ୍ରତିଯୋଗିତା ନୁହେଁ । ଶିକ୍ଷା ହେଉଛି ଜ୍ଞାନ ମାଧ୍ୟମରେ ଚରିତ୍ର ନିର୍ମାଣ ଏବଂ ଚରିତ୍ର ନିର୍ମାଣ ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ । ଏହି ଧାରଣା ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଶିକ୍ଷା ପରମ୍ପରାରେ ରହିଛି । ସନ୍ଥ କବି ଭୀମ ଭୋଇ, ସ୍ୱାଧୀନତା ସଂଗ୍ରାମୀ ଅରବିନ୍ଦ ଘୋଷ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଭାରତର ଆତ୍ମାକୁ ଶିକ୍ଷାରେ ପ୍ରସ୍ଫୁଟିତ କରିଛନ୍ତି । ନୂତନ ଜାତୀୟ ଶିକ୍ଷା ନୀତି ଏହି ମୂଲ୍ୟବୋଧକୁ କେନ୍ଦ୍ରରେ ରଖି ଭାରତକୁ ଏକ ଜ୍ଞାନ ଆଧାରିତ ସମାଜ ଭାବରେ ବିକଶିତ କରିବାର ଏକ ମଡ଼େଲ୍ ଅଟେ । ସେ କହିଛନ୍ତି ଆଜିର ଭବ୍ୟ କାର୍ଯ୍ୟକ୍ରମରେ ନୂଆ ଜାତୀୟ ଶିକ୍ଷା ନୀତିର ୧ ବର୍ଷ ଉପଲବ୍ଧତାକୁ ନେଇ ଏକ ପୁସ୍ତକର ଉନ୍ମୋଚନ କରାଯାଇ ଏହାକୁ ନାଗରିକଙ୍କ ପାଇଁ ସାର୍ବଜନୀନ କରାଯାଇଛି । ଜାତୀୟ ଶିକ୍ଷା ନୀତିରେ ଉଲ୍ଲେଖ ଥିବା ପରାମର୍ଶ ଗୁଡିକ ମଧ୍ୟରୁ ୩୨ଟି ପ୍ରମୁଖ ପରାମର୍ଶ ସଫଳତାର ସହିତ କାର୍ଯ୍ୟକାରୀ ହୋଇଛି । ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ଏକ ବର୍ଷରେ ହାସଲ କରାଯାଇଥିବା ଅନେକ ଉପଲବ୍ଧି ଆମ ସମସ୍ତଙ୍କ ଆତ୍ମବିଶ୍ୱାସକୁ ଉଜ୍ଜିବୀତ କରିଛି । ନୂଆ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀ ଆତ୍ମନିର୍ଭର ଭାରତ ପାଇଁ ନୂଆ ମାର୍ଗ ପ୍ରସ୍ତୁତ କରିବ ନୂଆ ବିଶ୍ୱାସ ଏବଂ ଆବଶ୍ୟକତାକୁ ପୂରଣ କରିବା ଦିଗରେ ବଡ଼ ମାଧ୍ୟମ ହେବ । ଭାରତବର୍ଷର ୩ ରୁ ୯ ବର୍ଷର ୭ କୋଟି ୫୦ ଲକ୍ଷ ଛାତ୍ରଛାତ୍ରୀଙ୍କ ଲେଖାପଢ଼ା ଏବଂ ଅଙ୍କଗଣିତରେ 'ଇ-ସମ୍ଭଳ' ହେଉ କିମ୍ବା ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଦୂରତାକୁ କମ୍ କରିବା ତଥା ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଆରମ୍ଭ ହୋଇଥିବା 'ଭର୍ଚୁଆଲ ସ୍କୁଲ' ମୋଦି ସରକାରଙ୍କ ନୂଆ ଶିକ୍ଷା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ଅଧିକ ପ୍ରତିଫଳିତ କରୁଛି । ଭର୍ଚୁଆଲ ସ୍କୁଲ ବିଦ୍ୟାଳୟ ଶିକ୍ଷାର ଏକ ନୂଆ ମଡେଲ ଏବଂ ଉଦାହରଣ ଅଟେ । ଟେକ୍ନୋଲୋଜି ଏବଂ ନବସୃଜନକୁ ଶିକ୍ଷା କ୍ଷେତ୍ରରେ ଅଧିକ ଅନ୍ତର୍ଭୁକ୍ତ ହୋଇପାରିବା ନେଇ ଏପରି ଏକ ଉପକ୍ରମ ଆରମ୍ଭ କରାଯାଇଛି । ଭର୍ଚୁଆଲ ଲାଇଭ୍ କ୍ଲାସରୁମ ଏବଂ ଭର୍ଚୁଆଲ ଲ୍ୟାବ ମାଧ୍ୟମରେ ଉନ୍ନତ ଡିଜିଟାଲ ଶିକ୍ଷାର ସୁବିଧା ପିଲାମାନେ ପାଇପାରିବେ । ଏହାବ୍ୟତିତ ଏନସିଇଆରଟିର 'ବୈକଳ୍ପିକ ଏକାଡେମିକ କ୍ୟାଲେଣ୍ଡର' ଶିକ୍ଷକ ଏବଂ ଅଭିଭାବକ ମାନଙ୍କୁ ଶିଶୁଙ୍କ ପାଠପଢାର ଉନ୍ନତିକୁ ଅବଗତ କରାଇବ । ଏହି କ୍ୟାଲେଣ୍ଡର ସାପ୍ତାହିକ ଯୋଜନାରେ କୌତୁହଳପୂର୍ଣ୍ଣ, ଆହ୍ୱାନପୂର୍ଣ୍ଣ କାର୍ଯ୍ୟକଳାପ ପରିପୃଷ୍ଟ ରହିବ, ଯାହା ପାଠ୍ୟ ଖସଡା ଏବଂ ପୁସ୍ତକରୁ ନିଆଯାଇଛି । ସେହିପରି ବିଦ୍ୟାଳୟ କ୍ୟାମ୍ପସକୁ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ କରାଇବା, ଜ୍ଞାନ ଏବଂ ମନୋରଞ୍ଜନ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସମାବେଶୀ ଚିନ୍ତାଧାରା ସୃଷ୍ଟି କରିବା ଏବଂ ଏକ ସମାନ୍ତରାଳ ସମାଜ ଗଠନ କରିବା ଦିଗରେ 'ପ୍ରିୟା-ଦ ଆକ୍ସେସିବିଲଟି ଓ୍ୱାରିୟର' ନାମକ କମିକ୍ ପୁସ୍ତକକୁ ଉନ୍ମୋଚନ କରାଯାଇଛି । ଆଜି ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛେ । ଶିକ୍ଷାକୁ ସମାବେଶୀ କରିବା ତଥା ସମସ୍ତଙ୍କ ପାଖରେ ପହଁଚାଇବା ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଲାଲକିଲ୍ଲା ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଚୁରେସନର ଯେଉଁ ସଙ୍କଳ୍ପ ନେଇଛନ୍ତି ତାହାକୁ ପୂରଣ କରିବା ଦିଗରେ ଦେଶରେ ସବୁ ସ୍କୁଲରେ ଇଂଟରନେଟ୍, ଶୌଚାଳୟ, ପାନୀୟ ଜଳ ପହଁଚାଇବା ପାଇଁ ଆମେ ସଙ୍କଳ୍ପବଦ୍ଧ । ଯେଉଁ ରାଷ୍ଟ୍ରୀୟ ଶିକ୍ଷା ନୀତି ଅନ୍ତର୍ଗତ ଆଜି ଆରମ୍ଭ ହୋଇଥିବା ସମସ୍ତ ଉପକ୍ରମ ପ୍ରଧାନମନ୍ତ୍ରୀଙ୍କ ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ ମନ୍ତ୍ରରେ ପରିଲକ୍ଷିତ କରୁଛି । ଶିକ୍ଷା ନୀତି ୨୦୨୦ ଭବିଷ୍ୟତ ପିଢ଼ି ପାଇଁ ବୈଶ୍ୱିକ ନାଗରିକ ବନାଇବା ତଥା ବିଶ୍ୱ କଲ୍ୟାଣର ମାର୍ଗ ପରିଷ୍କାର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

### ଜିନ୍ଦଲ କମ୍ପାନୀର ଚୂନ ପଥର ଖଣି ....

ପୁଣିଥରେ ମୁଣ୍ଡ ଟେକିଛି ପେଶା ଆନ୍ଦୋଳନ । ଆଜିଠୁ ଠିକ୍ ୨ ବର୍ଷ ପୂର୍ବେ ନିଜ ଗାଁରେ ନିଜ ଶାସନର ଦାବି ନେଇ କୁତ୍ରାରେ ପେଶା ଆନ୍ଦୋଳନ ମୁଣ୍ଡ ଟେକିଥିଲା । ନିଜ ଗାଁରେ ନିଜେ ଶାସନ କରିବେ ବୋଲି ଆଦିବାସୀମାନେ ଗାଁ ଭିତରକୁ ପ୍ରଶାସନର ପ୍ରବେଶ ବାରଣ କରିଥିଲେ । ହେଲେ କିଛି ଦିନ ହେବ ଏହି ଆନ୍ଦୋଳନ ଥମି ଯାଇଥିଲା । ଆଉ ଏବେ ପୁଣି ମୁଣ୍ଡ ଟେକିବା ଆରମ୍ଭ କରିଛି । ଆଦିବାସୀଙ୍କ ଆନ୍ଦୋଳନକୁ ଦେଖି ପ୍ରଶାସନ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରିଛି ।

# ଇକୋ ଫ୍ରେଣ୍ଡସ ପକ୍ଷରୁ ରକ୍ଷାବନ୍ଧନ, ପ୍ରକୃତି ପୂଜନ ଏବଂ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ



ଉଦଳା,୨୪/୦୮ (ନି.ପ୍ର): ଉଦଳାବ୍ଲକ ଅନ୍ତର୍ଗତ ଶିମିଳିପାଳର ପାଦଦେଶରେ ଅବସ୍ଥିତ ପାଟଶାଣୀପୁର ଗ୍ରାମରେ ଅଭିନବ ଭାବରେ ରକ୍ଷାବନ୍ଧନ ଏବଂ ପ୍ରକୃତି ବନ୍ଦନ ଏବଂ ଶ୍ରଦ୍ଧାଞ୍ଜଳୀ ଅର୍ପଣ କାର୍ଯ୍ୟକ୍ରମ କୋଭିଡ ନିୟମ ପାଳନ ପୂର୍ବକ ଇକୋ ଫ୍ରେଣ୍ଡସ୍‌ର ସଭାପତି ଡକ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବରେ ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଏପେକ୍ସ ଫରେଷ୍ଟ ପ୍ରଟେକ୍ସନ କମିଟିର ସଭାପତି ଡ.ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଓ୍ୱାର୍ଡ ମେମ୍ବର ନନ୍ଦିନୀ ସିଂ, ମୁଖ୍ୟବକ୍ତା ଭାବରେ ମହାରାଜା ପୂର୍ଣ୍ଣଚନ୍ଦ ଡିଗ୍ରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ହରିହର ଦାସ, ସମ୍ମାନିତ ବକ୍ତା ଭାବରେ ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟକର୍ମୀ ଇଲାବତୀ ବେହେରା ଯୋଗଦାନ କରି ଏହା ଏକ ଅଭିନବ ରକ୍ଷାବନ୍ଧନ ତଥା ପ୍ରକୃତି ପୂଜନ ଏବଂ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ବୋଲି କହିଥିଲେ । ନିଜ ବାଡିରେ ନିଜେ ବୃକ୍ଷରୋପଣ କରି ଆତ୍ମିୟ ସ୍ୱଜନ ମାନଙ୍କର ସ୍ମୃତି ରକ୍ଷା କରିବା ସହିତ ପରିବେଶର ସୁରକ୍ଷା କରିବା ପାଇଁ ଅତିଥିମାନେ ପରାମର୍ଶ ଦେବା ସହିତ ଶିମିଳିପାଳକୁ ନିଆଁ ଦାଉରୁ ଓ ଶିକାରରୁ ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଉଦଳା ବ୍ଲକ ଅନ୍ତର୍ଗତ ପାଟଶାଣୀପୁର ଗ୍ରାମପଂଚାୟତର ତିନି ଜଣ ସବୁଜ ସୈନିକ ଛାତ୍ର ଯଥା ମଘନର ସିଂ ଏବଂ ଲକ୍ଷ୍ମୀମଣି ସିଂର ପୁଅ ୯ ନବକିଶୋର ସିଂହ, କାର୍ମୁ ସିଂ ଏବଂ ସୁନୀ ସିଂର ପୁଅ୯ନନ୍ଦରାମ ସିଂ ଏବଂ ମହେଶ୍ୱର ସିଂ ଏବଂ ରମାରାଣୀ ସିଂର ଏକ ମାତ୍ର ପୁତ୍ର ୯ଦୀପକ କୁମାର ସିଂର ୨୦୧୭ ମସିହାରେ ଗହ୍ମାପୂର୍ଣ୍ଣିମା ଦିନ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ମୃତ ଛାତ୍ରମାନଙ୍କ ସ୍ମୃତିରକ୍ଷା ପାଇଁ ଇକୋ ଫ୍ରେଣ୍ଡସ୍ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇଥିଲା । ପାଂଚ ବର୍ଷ ପରେ ସେହିଚାରା ଆଜି ପଲ୍ଲବିତ ବୃକ୍ଷରେ ପରିଣତ ହୋଇଯାଇଥିବାରୁ ଇକୋ ଫ୍ରେଣ୍ଡସ ପକ୍ଷରୁ ପବିତ୍ର ରାକ୍ଷୀ ବନ୍ଧନ ଅବସରରେ ନିରବ ପ୍ରାର୍ଥନା ଏବଂ ଚାରାରୋପଣ କରି ସ୍ୱର୍ଗତ ଆତ୍ମାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହିତ ସ୍ୱର୍ଗତ ପିଲାମାନଙ୍କର ପିତାମାତାଙ୍କର ମହତ ପ୍ରଚେଷ୍ଟାକୁ ପ୍ରଶଂସା କରାଯାଇଥିଲା । ଏଥିରେ ପଦନ କୁମାର ବେହେରା, ଛାତ୍ର ଗୁରା ସିଂ,ସୁଶାନ୍ତ ସିଂ,ସୁନୀଲ ସିଂ, ବଟାଂଗ ସିଂ, ବୁଦ୍ଧ ଦେବ ସିଂ, ରବିନ୍ଦ୍ର ସିଂ, ଶୁଭଙ୍କର ସିଂ, ସୌଭାଗ୍ୟକୁମାର ବେହେର,ରତ୍ନୀ ମଣି ସିଂ ପ୍ରଭାସିନୀ ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ଆବାସ ତାଲିକାରୁ ହିତାଧିକାରୀଙ୍କ ନାମ କାଟ ଅଭିଯୋଗ : ସଦର ବିଡିଓଙ୍କ ଠାରେ ପଦ୍ମପୁରବାସୀଙ୍କ ଫେରାଦ

ବାଲେଶ୍ୱର,୨୪/୦୮ (ନି.ପ୍ର): ଗ୍ରାମାଞ୍ଚଳ ଆବସ ତାଲିକାରୁ ଉଦ୍ଦେଶ୍ୟମୂଳକ ନାମ କଟାଯାଉଥିବା ନେଇ ଅଭିଯୋଗ ଉଠାଇଛନ୍ତି ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଲୋକେ । ଏନେଇ ଏହି ପଞ୍ଚାୟତରୁ ଶତାଧିକ ପରିବାର ମଙ୍ଗଳବାର ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଆପତ୍ତି ଜଣାଇଛନ୍ତି । ଆବାସ ଯୋଜନାରେ ଘର ପାଇବାକୁ ସେମାନେ ବହୁ ପୂର୍ବରୁ ଆବେଦନ କରିଥିଲେ । ତାଲିକାରେ ସେମାନଙ୍କ ନାମ ମଧ୍ୟ ଥିଲା । ସେହି ଅନୁସାରେ ପିଇଓଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ତଦନ୍ତ ମଧ୍ୟ କରିଥିଲେ । ମାତ୍ର ଏବେ ସେମାନଙ୍କ ନାମ ଆବାସ ତାଲିକାରୁ ବାଦ ଦିଆଯାଇଥିବା ଆଶାୟୀ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ପଦ୍ମପୁର ପଞ୍ଚାୟତରେ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟପକ ଅନିୟମିତତା ହୋଇଥିବା ବେଳେ ଏହାର ଉଚିତ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ସନ୍ଧ୍ୟାରାଣୀ ତ୍ରିପାଠି, ନିରଞ୍ଜନ ଦାସ, କମଳିନୀ ସାହୁ, ବିକ୍ରମ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳେଶ୍ୱର ନଗର ବିଜେପି ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ

ଜଳେଶ୍ୱର ୨୪/୮(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ଭଂଜ କଲ୍ୟାଣ ମଣ୍ଡପରେ ନଗର ବିଜେପିର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂଗଠନିକ ଶକ୍ତିର ଅଭିବୃଦ୍ଧି ଏବଂ ପୌରା ନିର୍ବାଚନ ଲାଗି ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଜଳେଶ୍ୱର ବିଧାନସଭା ବିଜେପି ପ୍ରଭାରୀ ଜୀବନ ପ୍ରଦୀପ ଦାଶ, ନିର୍ବାଚନ ସଂଯୋଜକ ଲମ୍ବୋଦର ନାୟକ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ବରିଷ୍ଠ ନେତା ଅରୁଣ ବେଜ, ଆଦିତ୍ୟ ପାତ୍ର, ସାବିତ୍ରୀ ଜେନା, ନନ୍ଦନ ଦତ୍ତ, ବରେନ୍ଦ୍ର ନାଥ ପରିଡା, ବନମାଳୀ ଧଳ, ସିଦ୍ଧେଶ୍ୱର ପଣ୍ଡା, ଅନନ୍ତ ଦାସ, ଚିନ୍ତାମଣି ଜେନା, ନଗେନ୍ଦ୍ର ପାତ୍ର, ମୁକ୍ତାରାଣୀ ପାଲ, ବିଷ୍ଣୁପ୍ରିୟା ତ୍ରିପାଠୀ, ସେ୍ ସୁଲତାନ, ପ୍ରଣବ ବେହେରା, ଦୁର୍ଗାଶଂକର ଭୂୟାଁ, ମାଳତୀ ଲତା ଦତ୍ତ, ଜିନାରାଣୀ ଚନ୍ଦ, ଦୀପକ ଚୌରାସିଆ, ରଂଜନ ପାତ୍ର, ଅଂଜନ ଦାସ, ରାଜୀବ ଘୋଷ, ଅରୁଣ ଦାସ ଙ୍କ ସହିତ ୪୫ଜଣ ନଗର ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ଯୋଗ ଦେଇଥିଲେ । ରବୀନ୍ଦ୍ର ପାତ୍ର ମଂଚ ଆହ୍ୱାନ କରିଥିବା ବେଳେ ସୁବାସିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଏଚଏସଇ ଅଫିସ୍ ଘେରିଲେ ଯୁକ୍ତ ୨ ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ସ୍ୱତନ୍ତ୍ର ବ୍ୟବସ୍ଥାରେ ଉତୀର୍ଣ୍ଣ କରିବାକୁ ଦାବି କରି ସିଏଚଏସଇ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଯୁକ୍ତ ୨ ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ନେତୃତ୍ୱରେ ଶହ ଶହ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ସିଏଚଏସଇ ଅଫିସ୍ ସମ୍ମୁଖରେ ପହଂଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଦାବି କରିଛନ୍ତି ଯେ ଯୁକ୍ତ ୨ ରେଗୁଲାର ଛାତ୍ରାଛାତ୍ରୀଙ୍କୁ ଯେଉଁଭଳି ଦଶମ ଶ୍ରେଣୀ ମାର୍କ ଆଧାରରେ ନମ୍ବର ଦିଆଯାଇ ଉତୀର୍ଣ୍ଣ କରାଗଲା ସେମାନଙ୍କୁ ମଧ୍ୟ ସେହିପରି ମାର୍କ ଦିଆଯାଉ ।

## ଯବାନଙ୍କ ପରିବାରକୁ ନିର୍ଯ୍ୟାତନା ଦେବା ପ୍ରସଙ୍ଗ .........

# ଘଟଣାକୁ ନେଇ ନୀଳଗିରି ଥାନାରେ ଆଇ.ଜି. ଓ ଏସ.ପି.ଙ୍କ ତଦନ୍ତ

ନୀଳଗିରି,୨୪/୦୮ (ନି.ପ୍ର): ଜାମ୍ମୁ କାଶ୍ମିର ସୀମାରେ ଦେଶକୁ ସୁରକ୍ଷା ଦେଉଥିବା ଯବାନ ନିନିଗୋପାଳ ମହାପାତ୍ର ନିଜ ପରିବାରକୁ ସୁରକ୍ଷା ଦେଇ ପାରୁ ନ ଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମସ୍ତ ଗଣମାଧ୍ୟମରେ ଉକ୍ତ ଖବର ପ୍ରସାରିତ ହେବା ପରେ ପୋଲିସର ତତ୍‌ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ତିନିଦେଶ ଗାଁର ମନୋରଂଜନ ମହାପାତ୍ରଙ୍କ ପରିବାରକୁ ଉକ୍ତ ଗ୍ରାମର ପ୍ରତାପ ବିଶ୍ୱାଳ ଓ ପ୍ରଦୀପ ବିଶ୍ୱାଳ ସମେତ ଅନ୍ୟମାନେ ଜମିବାଡ଼ିକୁ କେନ୍ଦ୍ର କରି ତିକ୍ତତା ଦେଖାଯିବା ସହ ଏ ନେଇ ଅଯୋଧ୍ୟା ଫାଣ୍ଡିରେ ପରସ୍ପର ଅଭିଯୋଗ କରିବା ପରେ ଘଟଣାର ସମାଧାନ ହୋଇଥିଲା । ମନୋରଂଜନ ମହାପାତ୍ରର ବଡ଼ ପୁଅ ଟିଏକି ଜାମ୍ମୁକାଶ୍ମୀର ରେ ଯବାନ ଭାବେ କାର୍ଯ୍ୟରତ ଥିବା ବେଳେ ଅଯଥାରେ ତାଙ୍କୁ ଓ ତାଙ୍କ ପରିବାରକୁ ମିଥ୍ୟାରେ ବିଭିନ୍ନ ମାମଲାରେ ଛନ୍ଦି ଦେଉଥିବା ନେଇ ଭିଡିଓ ଭାଇରାଲ କରିଥିଲେ । ଏହାକୁ ନେଇ ରାଜ୍ୟ ପୋଲିସ ମୁଖିଆଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ ଆଜି ବାଲେଶ୍ୱର ପୂର୍ବାଞ୍ଚଳ ଆଇ.ଜି. ହିମାଂଶୁ କୁମାର ଲାଲ ଓ ବାଲେଶ୍ୱର ଏସ.ପି. ସୁଧାଂଶୁ ଶେଖର ମିଶ୍ର ନୀଳଗିରି ଥାନାରେ ପହଞ୍ଚି ଉକ୍ତ ଘଟଣା ବାବଦରେ ତଦନ୍ତ କରିଥିଲେ । ତଦନ୍ତ ସମୟରେ ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର , ଭାରପ୍ରାପ୍ତ ଆଇ.ଆଇ.ସି. ବାସୁଦେବ ଜୟସିଂହ, ଏସ.ଆଇ. ସସ୍ମିତା ମଲ୍ଲିକ ଉପସ୍ଥିତ ଥିଲେ । ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଯବାନଙ୍କ ଘରକୁ ଯାଇ ତଦନ୍ତ କରିଥିଲେ । ଘରବାଡ଼ିକୁ କେନ୍ଦ୍ରକରି ଏପରି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯବାନଙ୍କ ପରିବାର ଲୋକେ ଏକ ପକ୍କା ଘର ତିଆରି କରୁଥିବା ବେଳେ ପ୍ରତିପକ୍ଷମାନେ ରାସ୍ତା ନ ଥିବାରୁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ଏହାକୁ ନେଇ ପରସ୍ପର ଗଣ୍ଡଗୋଳ ଉପୁଜିଥିବାର ଉପଜିଲ୍ଲାପାଳ ସୂଚନା ଦେବା ସହ ଯବାନଙ୍କ ପକ୍କାଘର ସଂପୂର୍ଣ୍ଣ ହେବା ପରେ ତାଙ୍କର ଝଳ ଛପର ଘରକୁ ଭାଙ୍ଗି ପଡ଼ୋଶୀଙ୍କ ପାଇଁ ରାସ୍ତା ଦିଆଯିବାର ଉଭୟ ପକ୍ଷ ଆଲୋଚନାରେ ନିଷ୍ପତ୍ତି ହୋଇଅଛି । ତେବେ ଖୁବଶୀଘ୍ର ଉକ୍ତ ଘଟଣାର ଯବନିକା ପଡ଼ିବ ବୋଲି ଶୁଣିବାକୁ ମିଳିଛି ।

## ସମ୍ଭାବ୍ୟ ସୁନାମୀ ମୁକାବିଲା : ଜିଲ୍ଲା ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଭଦ୍ରକ,୨୪/୦୮ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ସମ୍ଭାବ୍ୟ ସୁନାମୀ ମୁକାବିଲା ନେଇ ଏକ ଜିଲ୍ଲା ସ୍ତରୀୟ ଶିକ୍ଷକ ମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲଲାପାଳ ଅରୁଣ କୁମାର ମହାପାତ୍ର ଏବଂ ମଧୁସୂଦନ ଦାଶ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି, ସେଲ୍‌ଟର ମ୍ୟାନେଜମ୍ୟାଣ୍ଟ ସ୍ପେଶାଲିଷ୍ଟ ମେଘନାଦ ବେହେରା, ଡ଼ି.ପି.ଓ ବିଶ୍ୱନାଥ ନାୟକ ପ୍ରମୁଖ ଏଥିରେ ଯୋଗ ଦେଇ ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ଆଲୋଚନା ରଖିଥିଲେ । ସିଭିଲ ଡ଼ିଫେନ୍‌ସର ବିଶ୍ୱରଞ୍ଜନ କୁଅଁର ଓ ନିଖିଲ କୁମାର ପୃଷ୍ଟି ପ୍ରଶିକ୍ଷକ ହିସାବରେ ସୁନାମୀ ସଚେତନତା, ସୁନାମୀ ସମୟରେ ସତର୍କତା, ସୁରକ୍ଷା ପାଇଁ ପଦକ୍ଷେପ କୌଶଳ ଆଦି ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଲ୍ଲେଖ ଯୋଗ୍ୟକି ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ୍‌ର ସୁନାମୀ ପ୍ରବଣ ୪୧ ଗୋଟି ଗ୍ରାମରେ ଥିବା ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମାଷ୍ଟର ଟ୍ରେନର ହେବାପାଇଁ ଏହି ଶିବିରରେ ଯୋଗଦେଇ ତାଲିମ ନେଲେ । ସେମାନଙ୍କ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସୁନାମୀ ପ୍ରସ୍ତୁତି ଉପରେ ତାଲିମ ଦେବାସହ ସମସ୍ତଙ୍କୁ ସଚେତନ କରାଇବେ ।

## ଗୋଚର ଜାଗାରେ ବେଆଇନ ଗୃହନିର୍ମାଣକୁ ବିରୋଧ

ବାଲିଆପାଳ,୨୪/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ଶ୍ରିହରିଚରଣ ହାଇସ୍କୁଲ ନିକଟ ଏକ ସରକାରୀ ଗୋଚର ଜାଗାରେ ରାତିଅଧିଆ ଗୃହ ନିର୍ମାଣ କରୁଥିବା ନେଇ ଉ ଜନା ପ୍ରକାଶ ପାଇଛି । ଏନେଇ ଗ୍ରାମବାସୀ ବାଲିଆପାଳ ପୋଲିସ ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଦେଭୋଗ ଗ୍ରାମର ୩୩୮ ନମ୍ବର ଗୋଚର ପ୍ଲଟଟିରେ ଗ୍ରାମବାସୀ ଦୀର୍ଘଦିନ ଧରି ଗୋରୁ ଚରାଇବା କାମରେ ବ୍ୟବହାର କରିଆସୁଥିଲେ । ତେବେ ଗତ ୨୧ ତାରିଖ ରାତ୍ରୀରେ ଗ୍ରାମର ପ୍ରଫୁଲ୍ଲ ପ୍ରଧାନ କିଛି ସହେଯାଗୀଙ୍କୁ ନେଇ ରାତିଅଧିଆ ଉକ୍ତ ଜାଗା ଉପରେ ଘର ତିଆରି କରୁଥିଲେ । ଗ୍ରାମବାସୀମାନେ ଖବର ପାଇ ସେଠାରେ ପହଂଚି ବିରୋଧ କରିବାରୁ ପ୍ରଫୁଲ୍ଲ ଏବଂ ତାଙ୍କର ସହେଯାଗୀମାନେ ଗ୍ରାମବାସୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ମାରଣାସ୍ତ୍ର ଦେଖାଇ ଗ୍ରାମବାସୀମାନଙ୍କୁ ଭୟଭୀତ କରାଇ ଜୋରଜବରଦସ୍ତ କାମ କରିଥିଲେ । ବାଧ ହୋଇ ଗ୍ରାମବାସୀ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ । ପୋଲିସ ଆସିବା ଜାଣି ପ୍ରଫୁଲ୍ଲ ଏବଂ ତାଙ୍କର ସହେଯାଗୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ଗୋଚର ଜାଗାରେ ଏହି ନିର୍ମାଣଧୀନ ଗୃହକୁ ଉଚ୍ଛେଦ କରିବା ପାଇଁଗ୍ରାମର ଗୋପାଳକୃଷ୍ଣ ଗିରି, ନିଗମାନନ୍ଦ ଦାସ, ଜୟନ୍ତୀ ପ୍ରଧାନ, ଅଜୟ ନାଥ, ରାଜେନ୍ଦ୍ର ପ୍ରଧାନ, କୈଳାସ ଚନ୍ଦ୍ର ନାୟକ, ଭୁପତ ଚରଣ ଦାସ ସମେତ ପ୍ରମୁଖ ଗ୍ରାମବାସୀ ବାଲିଆପାଳ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତହସିଲଦାର ଦୀପକ କୁମାର ଦାସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

## ବିଜେପି ପକ୍ଷରୁ ଦେଉଳି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ



ବାରିପଦା / ଶୁଳିଆପଦା,୨୪/୦୮ (ନି.ପ୍ର): ଶୁଳିଆପଦା ବ୍ଲକ ଅନ୍ତର୍ଗତ ୫୩ନଂ ଜୋନ୍ ଦେଉଳି ମଣ୍ଡଳ ପକ୍ଷରୁ ବିଜେପିର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ସାନ ଦେଉଳି ଠାରେ ଅନୁଷ୍ଠିତ ହୋଇଯାଇଅଛି । ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବିଜେପି ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ତଥା ରାଜ୍ୟ ସହରାଂଚଳ କମିଟିର ସଂଯୋଜକ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଇଂ ବଳରାମ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ କିସ୍କୁ, ସ୍ୱଚ୍ଛ ଭାରତ ମିଶନର ଜିଲ୍ଲା ସଂଯୋଜକ ହେମଲତା ଦାସ, ୫୪ ନଂ ଜୋନ୍ ଶୁଳିଆପଦା ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଲବାବୁ, ବରିଷ୍ଠ ନେତା ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହାପାତ୍ର, ବିଶ୍ୱମ୍ବର ଦାସ, ଦୀପକ୍ କୁମାର ପତି ପ୍ରମୁଖ ଯୋଗ ଦେଇ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ଅବଗତ କରାଇ ଥିଲେ । ବିଭିନ୍ନ କେନ୍ଦ୍ରୀୟ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ସମ୍ପର୍କରେ ତୃଣମୂଳ ସ୍ତରରେ ପହଂଚାଇ ଅଧିକ ଜନସଚେତନ କରାଇବା ସହ ସାଙ୍ଗଠନିକ ରଣନୀତି ପ୍ରସ୍ତୁତ କରାଯାଇଥିଲା । ପରେ ସମସ୍ତ ମତଭେଦକୁ ଭୁଲି ଏକ ହୋଇ ସଂଗଠନକୁ ମଜବୁତ୍ କରିବା ପାଇଁ କାର୍ଯ୍ୟକର୍ତ୍ତା ଙ୍କୁ ନେତା ମାନେ ପରାମର୍ଶ ଦେଇଥିଲେ । ବୈଠକ ପ୍ରାରମ୍ଭରେ ଦେଉଳି ମଣ୍ଡଳ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଜୟରମ୍ ପାତ୍ରଙ୍କ ଅକାଳ ବିୟୋଗ ରେ ତାଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକାରିଣୀ ବୈଠକରେ ପୂର୍ବତନ ମଣ୍ଡଳ ସଭାପତି ଅଜୟ ଦେଓ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ନରେନ୍ ହେମ୍ବ୍ରମ୍, ରଣଜିତ୍ କୁମାର ଧଳ, ଚିତ୍ତରଞ୍ଜନ ସେଜପଡ଼ା, ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ମଣ୍ଡଳର ବହୁ ପଦାଧିକାରୀ ପ୍ରଭାରୀ, ସରପଂଚ,ସମିତି ସଭ୍ୟ, ନିର୍ବାଚିତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ୪ ନୂତନ ଆମ୍ବୁଲାନ୍ସ ଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପିତ



ବାରିପଦା,୨୪/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଓଡିସା ଖଣିଜ ଆଧାରିତ ଅଂଚଳ ପରିଷଦ (ଅମ୍ବାର୍ଡସି) ପାଣ୍ଠି ସହାୟତାରେ ୪ଟି ନୂତନ ଆମ୍ବୁଲାନ୍ସକୁ ଆଜି ପୂର୍ବାହ୍ନରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ ପୂର୍ବକ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ଚାରୋଟି ଉପଖଣ୍ଡ ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବାର ଶୁଭ ଉଦଘାଟନ କରାଯାଇ ଥିବା ବେଳେ ଆଗକୁ ଅଧିକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି କୁହିଛନ୍ତି । ଲୋକାର୍ପିତ ହୋଇଥିବା ଉକ୍ତ ଆମ୍ବୁଲାନ୍ସ ସେବା ଦ୍ୱାରା ଜିଲ୍ଲାରେ ଜରୁରୀ କାଳୀନ ସମୟରେ ବିଶେଷ କରି ଜଟିଳ ତଥା ଗୁରୁତର ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ସୁବିଧା ଉପଲବ୍ଧ ଥାଇ ମାଗଣାରେ ଜନସାଦାରଣଙ୍କୁ ସେବା ଯୋଗାଇ ଦେବାରେ ବିଶେଷ ସହାୟକ ହୋଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ରୂପଭାନୁ ମିଶ୍ର, ଉଦଳା ଏସଡିଏମଓ ଡାଃ ଶିବାନନ୍ଦ ମହାନ୍ତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ଡାଃ ସାଗର ନାୟକ ଓ କରଂଜିଆ ଉପଖଣ୍ଡ ଚିକିତ୍ସାଳୟର ହସପିଟାଲ ମେନେଜର ଆଲୋକ କୁମାର ଗୋଛାୟତ, ଡିପିଏମ ଏନଏଚଏମ ପି.ପି. ପତି, ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ଡା ଶାନ୍ତନୁ କୁମାର ଦାସ ଓ ଡା ଏମ.ଏନ. ହୁସେନ ପ୍ରମୁଖ ସମେତ ଜିଲ୍ଲାସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ବାଲେଶ୍ୱର ବୁଧବାର, ୨୫ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ୨୪ ଘଂଟାରେ ୬୨୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪/୦୮ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ଆଉ ୬୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୨୩୨୩ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୮୦ ଜଣ ସଂକ୍ରମିତ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୬୩୩୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୪୪୩ ରହିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୬୨୫ ଜଣଙ୍କ ମଧ୍ୟରୁ ୩୬୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୯ ଜଣ ସ୍ଥାନୀୟ ବ୍ୟକ୍ତି ରହିଛନ୍ତି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୧୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ଅନୁଗୋଳ ଜିଲ୍ଲାରୁ ୧୮, ବାଲେଶ୍ୱରରୁ ୫୦, ବରଗଡ଼ରୁ ୬, ଭଦ୍ରକ୍ ରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ, କଟକରୁ ୫୬, ଦେବଗଡରୁ ୯, ଢେଙ୍କାନାଳରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୨, ଗଞ୍ଜାମରୁ ୬, ଜଗତସିଂହପୁରରୁ ୩୮, ଯାଜପୁରରୁ ୩୪, ଝାରସୁଗୁଡାରୁ ୩, , କଳାହାଣ୍ଡିରୁ ୩ , କନ୍ଧମାଳରୁ ୨, କେନ୍ଦ୍ରାପଡ଼ାରୁ ୯, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରୁ ୨୧୪ ଓ କୋରାପୁଟ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମାଲକାନାଗିରିରୁ ୧, ମୟୁରଭଞ୍ଜରୁ ୭ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୟାଗଡରୁ ୧୦, ନୂଆପଡାରୁ ୧ , ପୁରୀରୁ ୨୯, ରାୟଗଡାରୁ ୧୨ , ସମ୍ବଲପୁରରୁ ୧୮, ସୁନ୍ଦରଗଡରୁ ୬ ଓ ଷ୍ଟେଟପୁଲରୁ ୪୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବୁଆଁଳ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର,୨୪/୦୮ (ନି.ପ୍ର): କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ କେନ୍ଦ୍ରୀୟ ଯୋଜନା ଜଳ ଜୀବନ ମିଶନରେ ସଦର ବ୍ଲକ ବୁଆଁଳ ପଞ୍ଚାୟତ ବେଲବାରିଆର ଦୁଇଟି ସ୍ଥାନରେ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୁଆଁଳ ସରପଞ୍ଚ ଶ୍ରୀକାନ୍ତ ମହାପାତ୍ର ଓ ସମିତି ସଭ୍ୟ ରବିନାରାୟଣ ମହାପାତ୍ର ଯୋଗଦେଇ ଦୁଇପ୍ରକଳ୍ପର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗ୍ରାମବାସୀମାନେ ନିଜ ଘରେ ବସି ପାଇପ ଯୋଗେ ପାନୀୟ ଜଳ ପାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟେକ ଘରକୁ ପାଣି ଯୋଗାଇବାର ସ୍ୱପ୍ନ ସାକାର ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ୧.୫ କୋଟିରୁ ଅଧିକ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଦୁଇ ପ୍ରକଳ୍ପର ହଜାରେରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ବିନିତା ଜେନା, ପୂର୍ବତନ ସମିତି ସଭ୍ୟ କରୁଣାକର ମହାଲିକ, ୱାର୍ଡ ସଭ୍ୟ କମଳାକାନ୍ତ ନାଏକ, କାଳିଚରଣ ପଣ୍ଡା, ଶଶଧର ମହାନ୍ତି, ମାୟାଧର ଜେନା, ଟୁଟୁ ଜେନା, ଶରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତି ଭିତ୍ତିକ ପଛୁଆବର୍ଗ ଜନଗଣନା ଦାବି

ବାଲେଶ୍ୱର,୨୪/୦୮ (ନି.ପ୍ର): ଜାତି ଭିତ୍ତିକ ପଛୁଆବର୍ଗ ଜନଗଣନା ଦାବିରେ ଉତ୍କଳ ଯାଦବ ମହାସଂଘ ପକ୍ଷରୁ ଦାବି କରାଯାଇଛି।ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ମନୋଜ କୁମାର ଦାସ ଓ ସମ୍ପାଦକ ରବୀନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ଯାଦବ ଜାତିର ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମଗ୍ର ଦେଶରେ ଯାଦବ ଜାତିରେ ଅଧିକ ସଂଖ୍ୟାର ଲୋକେ ଥିଲେ ବି ଏହାର ପ୍ରମାଣ ଭିତ୍ତିକ ତଥ୍ୟାବଳୀ ସରକାରୀ ଦପ୍ତରରେ ଉପଲବ୍ଧ ନାହିଁ। ଆଭ୍ୟନ୍ତରୀୟ ଗଣନା ଅନୁଯାୟୀ ଭାରତରେ ବସବାସ କରୁଥିବା ଯାଦବଙ୍କ ସଂଖ୍ୟା ପ୍ରାୟ ୨୨କୋଟି ହୋଇଥିବା ବେଳେ ମଣ୍ଡଳ ଆୟୋଗ ଅନୁଯାୟୀ, ପଛୁଆ ବର୍ଗଙ୍କ ମଧ୍ୟରେ ଯାଦବଙ୍କ ସଂଖ୍ୟା ୫୨ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ୨୦୧୮ ମସିହାରେ କେନ୍ଦ୍ରସରକାରଙ୍କ ପକ୍ଷରୁ ଜାତିଭିତ୍ତିକ ଜନଗଣନା କରିବାକୁ ସଂସଦରେ ଘୋଷଣା କରାଯାଇଥିଲା।ଏହା ସହିତ ପଛୁଆବର୍ଗଙ୍କ ଜାତିଭିତ୍ତିକ ଜନଗଣନା ପାଇଁ ଜାତୀୟ ଆୟୋଗ ମଧ୍ୟ ପରାମର୍ଶ ଦେଇଥିଲେ। ମାତ୍ର ଗତ ଜୁଲାଇ ମାସରେ ଗୃହ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓବିସି ବର୍ଗରେ ଜାତି ଭିତ୍ତିକ ଜନଗଣନା ହେବନାହିଁ ବୋଲି ଘୋଷଣା କରାଗଲା। ଏଥିରେ କେବଳ ଯାଦବ ଜାତି ନୁହେଁ ବରଂ ସମଗ୍ର ପଛୁଆବର୍ଗ ବିଶେଷ ଭାବେ ଆଘାତ ପାଇଥିବା ଉତ୍କଳ ଯାବଦ ମହାସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅତଏବ ଜାତୀୟ ଜନଗଣନା-୨୦୨୧ରେ ଅନ୍ୟାନ୍ୟ ବର୍ଗଙ୍କ ଭଳି ପଛୁଆବର୍ଗଙ୍କୁ ସାମିଲ ସହ ଜାତିଭିତ୍ତିକ ଜନଗଣନା କରିବାକୁ ସମଗ୍ର ଦେଶରେ ଯାଦବସମାଜ ପକ୍ଷରୁ ଦାବି କରାଯାଇଛି। ଏନେଇ ଉତ୍କଳ ଯାବଦ ମହାସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରୀ ଦାସ ଓ ଶ୍ରୀ ମହାକୁଡ଼ଙ୍କ ସମେତ ମହାସଂଘର ଉପଦେଷ୍ଟା କାର୍ତ୍ତିକ ବେହେରା, ଶୀତଲ ଯାଦବ, ଜୟହିନ୍ଦ ଯାଦବ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଳ୍ପିକା ଅଳକା ମହାନ୍ତିଙ୍କ "ଶେଷ ଠିକଣା" ଉନ୍ମୋଚିତ



ଭୁବନେଶ୍ୱର,୨୪/୦୮ (ନି.ପ୍ର): "ସାହିତ୍ୟ ହେଉଛି ଜୀବନରସ୍ୱର। ଚିତ୍ରକରର ତୂଳୀ ହେଉକି ସଂଗୀତକାରର ଗୀତ ହେଉ କି ସାହିତ୍ୟିକର କବିତା କି ଗଳ୍ପ ହେଉ ସବୁ ଜୀବନର ଜୟଗାନ କରିଥାଏ" ବୋଲି କାହାଣୀର ସଂପାଦକ, ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରଖ୍ୟାତ କଥାକାର ବିଜୟ ନାୟକ ମତବ୍ୟକ୍ତ କରିଛନ୍ତି। ଗତକାଲି ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଗାଳ୍ପିକା ତଥା ଶିକ୍ଷାବିତ୍ ଅଳକା ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ ପୁସ୍ତକ "ଶେଷଠିକଣା"ରଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶ୍ରୀଯୁକ୍ତ ନାୟକ ଅଳକାମହାନ୍ତିଙ୍କ ଗଳ୍ପରେ ସାମାଜିକ ପ୍ରତିବଦ୍ଧତା ରହିଛି ଯାହା ବଳିଷ୍ଠ କରୁଛି ତାଙ୍କ ଗଳ୍ପ ସବୁକୁ ବୋଲି କହିଥିଲେ। ଶାରଳା ପୁରସ୍କାର ବିଜୟିନୀ ସୁନାମଧନ୍ୟା ସାହିତ୍ୟିକା ବନଜ ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ତୃପ୍ତି ଦାସ ଓ ବିଶିଷ୍ଟ କବି ତଥା ପୂର୍ବତଟ ରେଳପଥର ବରିଷ୍ଠ ଜନ ସମ୍ପର୍କ ଅଧିକାରୀ ନିରାକାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି "ଶେଷଠିକଣା" ଗଳ୍ପ ପୁସ୍ତକ ଉପରେ ଆଲୋକପାତ କରିଥିଲେ। ଭାଷାବିଜ୍ଞାନୀ ଅଧ୍ୟାପକ ଡଃ ଦେବାଶିଷ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିବାବେଳେ ବିଶିଷ୍ଟ କଥାକାର ଅମରେଶ ବିଶ୍ୱାଳ ପୁସ୍ତକ ସମୀକ୍ଷା କରିଥିଲେ। ଗାଳ୍ପିକା ଶ୍ରୀମତୀ ଅଳକା ମହାନ୍ତି ଲେଖକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୁସ୍ତକର ପ୍ରକାଶକ ତଥା ସଂପର୍କ ପବ୍ଲିକେଶନ୍‌ର ମୁଖ୍ୟ ପ୍ରଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟେଲିପରଦାର ଅଭିନେତା ତଥା ପ୍ରଯୋଜକ ଶୁଭ୍ରାଂସୁ ନାୟକ ଗଳ୍ପ ପାଠକରିଥିବାବେଳେ ଫିଲ୍ମ ଅଭିନେତ୍ରୀ ମଧୁମିତା ମହାନ୍ତି ମଞ୍ଚସଂଚାଳନା କରିଥିଲେ।

# ୬୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ୍

ଜଳେଶ୍ୱର,୨୪/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱରରେ ବିଭିନ୍ନ ସମୟରେ ଧଳା ଜହର ବ୍ୟବସାୟୀମାନେ ଏସ୍‌ଟିଏଫ, ପୋଲିସ୍ ଓ ଅବକାରୀ ବିଭାଗ ଦ୍ୱାରା ଧରାପଡୁଥିଲେ ମଧ୍ୟ ଏହି ବ୍ୟବସାୟ ଥମିବାରେ ନାଁ ଧରୁନାହିଁ। ମ୍ୟୁନିସିପାଲଟିର ରାଜପୁର ଗାଁରେ ପୋଲିସ୍ ଚଢାଉ କରି ୬୦ଲକ୍ଷ ଟଙ୍କାର ୬୦୦ ଗ୍ରାମର ଧଳା ଜହର ଜବତ୍ କରିବା ସହିତ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ମଂଗଳବାର ରାତ୍ରି ୧୦ ଘଟିକାରେ ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି ଓ ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କ ନେତୃତ୍ୱରେ ପୋଲିସ୍ ତାର ଜାଲ ବିଛାଇଥିଲା। ଧଳା ଜହର ପେଙ୍କିଂ କରୁଥିବା ସମୟରେ ଜାଇନୁଲ ବିବି ନାମକ ଜଣେ ମହିଳାଙ୍କୁ ଗିରଫ କରାଯିବା ସହ ତା ନିକଟରୁ ଧଳଜହର ଜବତ୍ କରାଯାଇଛି।

# ବେଆଇନ୍ ମଦ ସହ ୪ ଗିରଫ

ଜଳେଶ୍ୱର, ୨୪/୮(ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ ନିଶାକାରବାର ବୃଦ୍ଧି ଘଟୁଥିବାରୁ ଏସ୍‌ଟିଏଫ, ପୋଲିସ୍ ଓ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ଆସୁଛି। ଆଜି ଅବକାରୀ ଅଧିକ୍ଷକ ଅଶୋକ ଶଥପଥୀ ନିର୍ଦ୍ଦେଶରେରେ ଜଳେଶ୍ୱର ଅବକାରୀ ଥାନା ଓଆଇସି ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଅବକାରୀ ଓ ପୁଲିସ୍ ଟିମ୍ ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘାଟା, ପାଳସାହି, ଚମାରଦିଗ୍, ଜମାଳପୁର, ରାଉତପଡା, ଛମୌଜ ଓ ଜାତୀୟରାଜପ ପଥ-୬୦ ପାଶ୍ୱସ୍ଥ ହେଟେଲ ଗ୍ରୀନ ଚିଲିରେ ଚଢାଉ କରି ୬୭ ଲିଟର ଦେଶୀମଦ ଓ ୨୫ ବୋତଲ (୪.୫ଲିଟର) ପଶ୍ଚିମବଂଗ ମାର୍କା ବିଦେଶୀ ମଦ ଜବତ୍ କରାଯାଇଛି। ଏଥିରେ ସଂପୃକ୍ତ ସଂଜୟ କୁମାର ପରିଡା, ବୁଧିଆ ରାଉତ, ଶାମ ହାଁସଦା, ମାଣିକ ମୁର୍ମୁ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ବେଆଇନ ବାଲି ଟ୍ରାକ୍ଟର ଠାରୁ ୫୦ ହଜାର ଟଙ୍କା ଜୋରିମାନା ଆଦାୟ



ବାଲିଆପାଳ,୨୪/୦୮ (ନି.ପ୍ର): ବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀପଠା,ବାଲିଆଡିଆ ପ୍ରଭୃତି ବିଭିନ୍ନ ସ୍ଥାନରେ ଦୀର୍ଘଦିନଧରି ବେଆଇନ ଭାବେ ବାଲି ଉତ୍ତୋଳନହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏନେଇ ବାଲିଆପାଳ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ରଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଏକ ଟିମ ଆଜି ବିଭିନ୍ନ ସ୍ଥାନରେ ଚଢାଉକରି ଥିଲେ। ବଢାପାଳ ନିକଟରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରୁଥିବା ୪ଟି ବାଲି ବୋଝେଇ ଟ୍ରାକ୍ଟର,ଜାମକୁଣ୍ଡାରେ ଗୋଟିଏ ଏବଂ ଫଂଚୁପାଲିରେ ଦୁଇଟି ଟ୍ରାକ୍ଟରକୁ ଜବଦ କରି ତହସିଲକୁ ଆଣିଥିଲେ। ଏହି ଟ୍ରାକ୍ଟର ମାଲିକ ମାନଙ୍କ ଠାରୁ ମୋଟ ୫୦ ହଜାର ୮୭୦ ଟଙ୍କା ଜୋରିମାନା ଆଦାୟ କରାଯିବା ସହ ଆଗାମୀ ଦିନରେ ଏହି ବାଲି ଉତ୍ତୋଳନ ବନ୍ଦ ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜିର ଏହି ଚଢାଉରେ କରଞ୍ଜ ଆରଆଇ ଜଗନ୍ନାଥ ପାତ୍ର,ବାଲିଆପାଳ ଆରଆଇ କାଳିଚରଣ ମାଝୀ,ଜାମକୁଣ୍ଡା ଆରଆଇ ଲକ୍ଷ୍ମଣଟୁଡୁ,ବୋଲଂ ଆରଆଇ ଅଜିତ କୁମାର ହେମ୍ବ୍ରମ, ବାଲିଆପାଳ ଅତିରିକ୍ତ ଆରଆଇ ରାଜୀବ ଲୋଚନ ମହାପାତ୍ର, ବିଭାଗୀୟ ଇନିଇସପେକ୍ଟର ମନୋଜ ଗିରି ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହି ଚଢାଉକୁ ଜୋରଦାର କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାସ କହିଛନ୍ତି।

# ଜେଏମଏମ ପକ୍ଷରୁ ବିକ୍ଷୋଭ ଓ କୁଶପୁତଳିକା ଦାହ



ବାରିପଦା,୨୪/୦୮ (ନି.ପ୍ର): ବାରିପଦା ନିକଟସ୍ଥ ପୋଡା ଅସ୍ତିଆଠାରେ ବିର୍ଷାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜେଏମଏମ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର କୁଟ୍ରା ବ୍ଲକ ଠାରେ ଜିନ୍ଦଲ ଏବଂ ଓସିଏ ସିମେଂଟ କମ୍ପାନୀ ଦ୍ୱାରା ଆଦିବାସୀ ତଥା ମୂଳବାସୀ ମାନଙ୍କ ଜମି ଅଧିଗ୍ରହଣ ବିରୋଧରେ ତଥା ସ୍ଥାନୀୟ ବାସିନ୍ଦାଙ୍କ ଦାବୀଙ୍କୁ ସମର୍ଥନ ଜଣାଇବା ପାଇଁ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଯାଇଥିବା ଜେଏମଏମର ଓଡ଼ିଶା ପ୍ରଦେଶ ଅଧକ୍ଷା ଶ୍ରୀମତୀ ଅଞ୍ଜନୀ ସୋରେନଙ୍କ ସମେତ ତାଙ୍କର ସହକର୍ମୀ ମାନଙ୍କୁ ରାଉଲକେଲା ହୋଟେଲ ରିଜେନ୍ସି ଇନ ରେ ନଜର ବନ୍ଦି କରି ଅଟକ ରଖାଯାଇଥିବା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ସନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ ମଧ୍ୟ କରାଯାଇଥିବାର ଜଣାଯାଇଛି। ଏହି ଘଟଣାକୁ ତୀବ୍ର ବିରୋଧ ଏବଂ ଦୃଢ ନିନ୍ଦା କରାଯାଇଛି। ପୂର୍ବରୁ ମଧ ଆଦିବାସୀ ମାନଙ୍କ ଜଳ ଜଙ୍ଗଲ ଏବଂ ଜମୀକୁ ସୁରକ୍ଷା ଦେବାପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ସଂଗ୍ରାମ ଜାରି ରଖିଥିଲା ଆଗକୁ ମଧ ସଂଗ୍ରାମ କରିବ। ଯଥାଶୀଘ୍ର ଓଡିଶା ପ୍ରଦେଶ ଅଧକ୍ଷାଙ୍କ ସମେତ ତାଙ୍କ ସହ କର୍ମୀମାନଙ୍କୁ ନଜର ବନ୍ଦିରୁ ମୁକ୍ତ କରାନଯାଏ ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ଜେଏମଏମର କର୍ମକର୍ତ୍ତା ମାନେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ମୟୂରଭଞ୍ଜ-୧ ସଭାପତି ପ୍ରଭୁଦନ ମାର୍ଣ୍ଡିଙ୍କ ସମେତ ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଅର୍ଜୁନ ମୁର୍ମୁ, ସମ୍ପାଦକ ଚୈତନ ସୋରେନ, ବାବୁଲୁ ମୁର୍ମୁ, ସୁନୀଲ କୁମାର ଟୁଡୁ, ବିଶ୍ୱନାଥ ମୁର୍ମୁ, ଡାକ୍ତର ସିଂ, ରଞ୍ଜୀତ ଦାସ, କେଦାର ସିଂ, ବିଭୂତି ସିଂ, ଜଗଦିଶ ସିଂ, ରାଜୁ ସିଂ, ଗଣେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପଛୁଆବର୍ଗଙ୍କୁ ବିଭ୍ରାନ୍ତ କରୁଛି ବିଜେଡି : ବିଜେପି

ଭୁବନେଶ୍ୱର,୨୪/୦୮ (ନି.ପ୍ର): ବିଭ୍ରାନ୍ତ ଓ ଚକ୍ରାନ୍ତ ଶାସକ ବିଜେଡିର ଅଭ୍ୟାସରେ ପରିଣତ ହୋଇସାରିଛି। ଓଡିଶାବାସୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍ ପ୍ରଦାନ କ୍ଷେତ୍ରରେ ନିଜ ମୁଣ୍ଡରୁ ଦୋଷ ଖସାଇ ଅନ୍ୟ ଉପରେ ଲଦିଦେବା ଏବଂ ପରବର୍ତୀ ସମୟରେ ବିଭ୍ରାନ୍ତ କରି ଭୂଆଁ ବୁଲାଇବା ଶାସକ ବିଜେଡିର ଅଭ୍ୟାସରେ ପରିଣତ ହୋଇସାରିଛି। ରାଜ୍ୟର ପଛୁଆବର୍ଗଙ୍କ ବିକାଶ ପାଇଁ କୌଣସି ଆନ୍ତରିକତା ନଥିବା ଶାସକ ବିଜେଡି ସେମାନଙ୍କୁ କେବଳ ଭୋଟବ୍ୟାଂକ ଭାବେ ବ୍ୟବହାର କରିଆସୁଛି। ଅସହିଷ୍ଣୁତା ଏବଂ ନିଜ ବିଫଳତାକୁ ଲୁଚାଇବା ପାଇଁ ଶାସକ ବିଜେଡି ରାଜ୍ୟର ପଛୁଆବର୍ଗଙ୍କୁ ମିଛ କଥା କହିବା ଆରମ୍ଭ କରିଦେଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି। ଦେଶର ଅଧିକାଂଶ ରାଜ୍ୟମାନଙ୍କରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ଥିବାବେଳେ ଓଡିଶା ସରକାର ବିଭିନ୍ନ ସମୟରେ କୋର୍ଟ ଏବଂ କେନ୍ଦ୍ର ସରକାରଙ୍କୁ ଦୋଷ ଲଦି ଦେଇ ଖସିଯିବାର ପ୍ରୟାସ କରିଆସୁଛନ୍ତି। ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିବା ସତ୍ୱେ ରାଜ୍ୟ ସରକାର କାହିଁକି କାର୍ଯ୍ୟକାରୀ କରୁନାହାଁନ୍ତି ?ଏ ସମସ୍ତ ପ୍ରଶ୍ନର ଉତର ନରଖି ରାଜ୍ୟର ପଛୁଆବର୍ଗଙ୍କୁ ବିଭ୍ରାନ୍ତ କରିବା ପାଇଁ ମନଗଢା ଶୁଣାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ରାଜ୍ୟର ୫୨ ଭାଗରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଓବିସିମାନଙ୍କ ପ୍ରତି ଓ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରତି ରାଜ୍ୟସରକାରଙ୍କ ଆଦୌ ଆନ୍ତରିକତା ନାହିଁ। ରାଜ୍ୟ ସରକାର ଜାଣି ଜାଣି ପଛୁଆ ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି। ଯେତେ ଷଡଯନ୍ତ୍ର କଲେ ମଧ ପଛୁଆ ବର୍ଗଙ୍କ ବିକାଶ ଓ ସାମ୍ବିଧାନିକ ଅଧିକାରକୁ ରାଜ୍ୟ ସରକାର ରୋକି ପାରିବେ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ମୋଦି ସରକାର କଥାରେ ନୁହେଁ ବରଂ କାର୍ଯ୍ୟରେ ବିଶ୍ୱାସ କରନ୍ତି। ଏହା ସଦ୍ୟ ସଂପ୍ରସାରିତ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ପ୍ରତିଫଳିତ ହୋଇଛି।

# ଜଳେଶ୍ୱର ତହସିଲରେ ପଟ୍ଟା ବଣ୍ଟନ

ଜଳେଶ୍ୱର, ୨୪/୮(ନି.ପ୍ର) : ରାଜ୍ୟ ସରକାର ଗରିବ ଭୂମୀହିନଙ୍କୁ ଜମିପଟ୍ଟା ଯୋଗାଇବା ନିମନ୍ତେ ପ୍ରୟାସ ଆରମ୍ଭ କରିଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନସ୍ଥ ବିଭିନ୍ନ ଆର୍‌ଆଇ ସର୍କଲରେ ପଟ୍ଟାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ୩୮ଜଣ ଗରିବ ଭୂମୀହିନଙ୍କୁ ତହସିଲ କାର୍ଯ୍ୟାଳୟରେ ପଟା ବଣ୍ଟନ କରିଥିଲେ। ଅଦ୍ୟାବଧି ୮୧୧ଜଣଙ୍କୁ ପଟ୍ଟବଣ୍ଟନ କରାଯାଇଥିବା ବେଳେ ଆଜି ମଂଗଳବାର ସରଡିହା ଆର୍‌ଆଇ ସର୍କଲରେ ୧୦ଜଣ, ଜମାଳପୁର, ଖୁଆଡ, ନାମ୍ପୋ ଆର୍‌ଆଇ ସର୍କଲରେ ୮ ଜଣ ଲେଖାଏଁ ଏବଂ ଓଲମରା ଆର୍‌ଆଇ ସର୍କଲରେ ୪ଜଣ ଭୂମିହୀନଙ୍କୁ ପଟ୍ଟ ବଣ୍ଟନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ତହସିଲଦାର ଶଂକର ପଟ୍ଟନାୟକ ଓ ଅତିରିକ୍ତ ତହିଲଦାର ହେମନ୍ତ କୁମାର ନାୟଙ୍କ ସହିତ ତହସିଲ କର୍ମଚାରୀ ତନୁସ୍ମିତା ମହାନ୍ତି, ଗୌରାଙ୍ଗ ଜେନା, ପ୍ରଭୁରାମ କାଣ୍ଡ, ଦିଲ୍ଲିପ ଚାନ୍ଦ, ନିରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ଖାଇବା ପାଇଁ ଟଙ୍କା ନଦେବାରୁ ଜୀବନ ନେଇଗଲେ ଦୁଇ ଯୁବକ

## ଚବିସ ଘଣ୍ଟା ନପୁରଣୁ ଦୁଇ ଆସାମିକୁ ଠାବ କଲା ପୋଲିସ



ବସ୍ତା,୨୪/୦୮ (ନି.ପ୍ର): ୮ବାଲେଶ୍ୱର ସଦରବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ମାଛଧରକ୍ଷ ଜେଟି ଅଞ୍ଚଳରେ ଜଣେ ମତ୍ସ୍ୟଜୀବିଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଛି। ଟଙ୍କା ଧାର ନଦେବାରୁ ଦୁଇ ସାଙ୍ଗ ଏହି ହତ୍ୟାକାଣ୍ଡ ଘଟକ୍ଷଇଛନ୍ତି। ମୃତ ମତ୍ସ୍ୟଜୀବି ହେଲେ ପଶ୍ଚିମବଙ୍ଗ ମୁର୍ଷିଦାବାଦ ଅଞ୍ଚଳର ସୁବଳ ମଣ୍ଡଳ (୫୩)। ବାହାବଳପୁରର ଚନ୍ଦନ ପାତ୍ର ଓ କେନ୍ଦ୍ରାପଡ଼ା ତାଳଚୁଆ ମେରାଇନ ଥାନାଅଂଚଳର ସଚିନ ଚୌଧୁରୀ ଦୁଇ ସାଙ୍ଗ ଅଟନ୍ତି। ଏମାନେ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ସେବନ କରି ନିଶାଗ୍ରସ୍ତ ଅବସ୍ଥାରେ ଘୁରିବୁଲନ୍ତି। ସଚିନ ଓ ମୃତ ସୁବଳ ଦୀର୍ଘ ଦିନ ଧରି ଏହି ଜେଟି ରେ ମତ୍ସ୍ୟଜୀବି ଭାବେ ସମୁଦ୍ରରୁ ମାଛ ଧରି ଗୁଜୁରାଣ ମେଣ୍ଟାଇଥାନ୍ତି। ସୋମବାର ରାତିରେ ସୁବଳ ପାଖରେ ୭/୮ ହଜାର ଟଙ୍କା ଥିବା ଦେଖି ସଚିନ ଧାର ମାଗିଥିଲା। ସେ ମନାକରିବାରୁ ଜୋର ଜବରଦସ୍ତ ଟଙ୍କାବ୍ୟାଗ ଛଡାଇ ଦୁଇସାଙ୍ଗ ପଳାଇଥିଲେ। ମାତ୍ର ସୁବଳ ସେମାନଙ୍କ ପିଛାକରି ଗୋଡ଼ାଇବାରୁ ବଜାର ନିକଟରେ ସୁବଳର ମୁଣ୍ଡକୁ ସଚିନ ବାଡେଇଥିଲା। ଚନ୍ଦନ ସେଠାରେ ପଡ଼ିଥିବା ଏକ ପଇଡ଼ରେ ସୁବଳର ମୁହଁକୁ ଛେଚି ହତ୍ୟା କରିଥିଲକ୍ଷ। ଖବର ପାଇ ଆଇଆଇସି ମଧୁମିତା ମହାନ୍ତି ଘଟଣାସ୍ଥଳରେ ପହଂଚି ଦୁଇ ଅଭିଯୁକ୍ତ ସଚିନ ଓ ଚନ୍ଦନଙ୍କୁ ଗିରଫ କରିଥିଲେ। ଆହତ ସୁବଳଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେ ଡାକ୍ତର ମୃତବୋଲି ଘୋଷଣା କରିଥିଲେ। ସ୍ଥାନୀୟ ବ୍ୟବସାୟୀ ସପନ କରମାକରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ନଂ ୧୫/୨୧ ରୁଜୁ କରି ମଙ୍ଗଳବାର ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ତଦନ୍ତ ଜାରିରଖିଛି।

# ବାଲେଶ୍ୱର କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଓୟୁଏଟି ର ୬୦ତମ ପ୍ରତିଷ୍ଠାଦିବସ ପାଳିତ




ବାଲିଆପାଳ,୨୪/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗଠାରେ ଅବସ୍ଥିତ ବାଲେଶ୍ୱର କୃଷିବିଜ୍ଞାନକେନ୍ଦ୍ର ପରିସରରେ ଆଜି ଓଡିଶା କୃଷି ବିଶ୍ୱବିଦ୍ୟାଳୟର ୬୦ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଦିବସ ପାଳନ ଅବସରରେ, ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ବ୍ଲକର ୫୦ ଜଣ ଆଗୁଆ ଚାଷୀ ଅଂଶଗ୍ରହଣକରି ଭୁବନେଶ୍ୱରରୁ ସିଧାସଳଖ ପ୍ରସାରିତ କାର୍ଯ୍ୟକ୍ରମ ଦେଖିଥିଲେ। ଏହି ଅବସରରେ ଭୋଗରାଇ ବ୍ଲକର ଅଗ୍ରଣି ଚାଷି ଭୁବନଚନ୍ଦ୍ର ପ୍ରମାଣିକ, ବାଲିଆପାଳ ବ୍ଲକର ମୃତ୍ୟୁଞ୍ଜୟ ହାଜିରା, ଜଳେଶ୍ୱର ବ୍ଲକର ଧନଞ୍ଜୟ ଗିରି, ବସ୍ତା ବ୍ଲକର ବିଭୁତି ଦାସଙ୍କୁ କୃଷିବିଜ୍ଞାନ କେନ୍ଦ୍ରଦ୍ୱାରା ସମ୍ମାନୀତ କରାଯାଇଥିଲା। ଛତୁଚାଷୀ ଭାସ୍କର ଚନ୍ଦ୍ର ପାତ୍ର, ଧନଞ୍ଜୟ ସାହୁ, ମାଛ ଚାଷୀ ରଞ୍ଜନ ଭୂୟାଁ, କଦଳୀ ଚାଷୀ ଜୟନ୍ତୀ ଗିରି,ମହିଳା ଚାଷୀ ସନ୍ଧ୍ୟାରାଣି ଦାସ ନିଜ ନିଜର ଚାଷ ସମ୍ପର୍କୀତ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସ୍ୱାଗତିକା ସାହୁ ଓ ୟୁ ଏଟିର କାଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ଡ. ଅମିତା ପାତ୍ର ,ଡ. ଗାୟତ୍ରୀ ସାହୁ ଜୈବିକ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଷ୍ଣାମୟୀ ସେଠୀ, ରଘୁନାଥ ସୋରେନ, ପ୍ରଭାତ ସ୍ୱାଇଁ, ଦେବେନ୍ଦ୍ରନାଥ ଦାସ, ରାଜକିଶୋର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃବିହାର, ମାନସିଂବଜାର, ବାଲେଶ୍ୱର

R.T.E Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ: ୮୨୮୦୧୫୯୬୩୫/୯୪୩୯୧୯୦୯୫୦

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo